## ସଂକ୍ଷେପରେ

### ଘରୁ ଟଙ୍କା, ସୁନା ଚୋରି

**ଛତିଆ,୩୦।୭(ସୌମ୍ୟ ରଞ୍ଜନ ସାହୁ):** ବଡ଼ଚଣା ବ୍ଲକ ବୈରୀ ଥାନା ଅନ୍ତର୍ଗତ ଛତିଆ ଫୁଟବଲ ପଡ଼ିଆ ନିକଟ ନେଳିଆ ଗ୍ରାମର ବିକାଶ ମହାପାତ୍ରଙ୍କ ଘରୁ ଚୋରି ହୋଇଛି। ବିକାଶ ନିଜ ପରିବାର ସହ ଏଠାରେ ଡାକ୍ତର ନାରାୟଣ ମହାପାତ୍ରଙ୍କ ଘରେ ଭଡ଼ାରେ ରହୁଛନ୍ତି। ସୋମବାର ରାତିରେ ବିକାଶ ଘରେ ନ ଥିବାବେଳେ ଦୁର୍ବୃତ୍ତ ତାଙ୍କ ଝରକା ଭାଙ୍ଗି ଘରେ ପଶି ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଓ ୪ ଭରି ସୁନା ଅଳଙ୍କାର ଲୁଟି ନେଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ବିକାଶ ଥାନାରେ ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଛି।

### ପୂର୍ବତନ ପ୍ରଧାନ ଶିକ୍ଷକଙ୍କ ପରଲୋକ

**ବରୀ,୩୦।୭(ମହେନ୍ଦ୍ର ସ୍ୱାଇଁ):** ବରୀ ବ୍ଲକ୍ ଅଞ୍ଚଳର ପୂର୍ବତନ ପ୍ରଧାନ ଶିକ୍ଷକ ଧନେଶ୍ୱର ତ୍ରିପାଠୀଙ୍କ ସୋମବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା। ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ବରୀ ରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପାଇ ପୂର୍ବତନ ସରପଞ୍ଚ ପ୍ରଭାତ ରାୟ, ସାମାଜିକ କର୍ମୀ ପ୍ରଶାନ୍ତ ରାଉତ, ସଞ୍ଜୟ ରାୟ ଓ ପ୍ରବୀର ଧଳଙ୍କ ସମେତ ବରୀ ଅଞ୍ଚଳର ବହୁ ଶିକ୍ଷାବିତ୍ ଏବଂ ବୁଦ୍ଧିଜୀବୀ ତାଙ୍କ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଥିଲେ। ତାଙ୍କ ବିୟୋଗରେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ପୂର୍ବତନ ସରପଞ୍ଚ ଅରୁଣ ସେଠୀ, ସୁଲଭ ମଲିକ, ଶିକ୍ଷାବିତ୍ ବୃନ୍ଦାବନ ସାମଲ, କୁଞ୍ଜବିହାରୀ ଦାଶ, କର୍ଣ୍ଣଚନ୍ଦ୍ର ଘଡ଼େଇ, ଗୋପବନ୍ଧୁ ଦାସ ଓ ଦୀନବନ୍ଧୁ ସାମଲ ପ୍ରମୁଖ ଗଭୀର ଦୁଃଖ ପ୍ରକାଶ କରିଛନ୍ତି।

### ୨ୟ ଦିନରେ ଗାଡ଼ି ଯାଞ୍ଚ

**ବଡ଼ଚଣା,୩୦।୭ (ଦିଲୀପ କୁମାର ମହାନ୍ତି):** ଚଣ୍ଡିଖୋଲ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ୨ୟ ଦିନରେ ଗାଡ଼ି ଯାଞ୍ଚ କରାଯାଇଛି। ୨ଟି ଟିମ ଗଠନ କରାଯାଇ ଯାଞ୍ଚ ପକ୍ରିୟାକୁ କଡ଼ାକଡ଼ି କରାଯାଇଛି। ଯାଞ୍ଚବେଳେ ୮ ମାମଲା ରୁଜୁ କରାଯାଇ ୨ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଟିଆଇ ଯୁଗଳ କିଶୋର ତିରିୟାଙ୍କ ନେତୃତ୍ୱରେ ଏକ ଟିମ ଛତିଆ ଓ ବାଲିଚନ୍ଦ୍ରପୁରର ବିଭିନ୍ନ ସ୍ଥାନରେ ଯାଞ୍ଚ କରି ୪ ନାବାଳକଙ୍କ ଚାଳକଙ୍କୁ ୧ ଲକ୍ଷ ଟଙ୍କା ଜରିମାନା କରିବା ସହ ଗାଡ଼ି ଜବତ କରିଛନ୍ତି। ସେହିପରି ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀ ଖଗେଶ୍ୱର ମୁର୍ମୁଙ୍କ ନେତୃତ୍ୱରେ ଏକ ଟିମ ଜାରକା, ଚଣ୍ଡିଖୋଲ କଲେଜ ରୋଡଠାରେ ଯାଞ୍ଚ କରି ୪ ନାବାଳକ ଚାଳକଙ୍କୁ ୧ ଲକ୍ଷ ଟଙ୍କା ଜରିମାନା କରିବା ସହ ବାଇକ ଜବତ କରିଥିବା ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧିକାରୀ ସମ୍ବିତ କୁମାର ସୂଚନା ଦେଇଛନ୍ତି। ଏହି ଯାଞ୍ଚ କାର୍ଯ୍ୟରେ କନେଷ୍ଟବଳ ସଙ୍ଗୀତା ସ୍ୱାଇଁ, ସୁଭାଷ ଶେଖର ଦାସ, ଦୀପକ ମହାପାତ୍ର ଓ ଶୁଭଲକ୍ଷ୍ମୀ କର ପ୍ରମୁଖ ସହଗୋଗ କରିଥିଲେ।

# ସରୁନି ପାନୀୟ ଜଳ ପ୍ରକଳ୍ପ କାମ

- ଶୃଙ୍ଖଳା ପଡ଼ିଛି ବସୁଧା ପାଣିଟାଙ୍କି
- ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ

**କାଏମା,୩୦।୭(ଶିବପ୍ରସାଦ ମହାନ୍ତି):**



ଧର୍ମଶାଳା ବ୍ଲକ୍ ଅଞ୍ଚଳରେ ଘରେଘରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ହୋଇପାରୁନାହିଁ। ପାଣି ଯୋଗାଇଦେବା ନିମନ୍ତେ ରାଇଛନ୍ଦା ପଞ୍ଚାୟତର ବ୍ରାହ୍ମଣୀ ନଦୀକୂଳରେ ନିର୍ମାଣ କରାଯାଉଥିବା ପ୍ରକଳ୍ପ କାମ ଏଯାଏ ସରି ପାରୁନାହିଁ। ଏହି ପ୍ରକଳ୍ପ ଦ୍ୱାରା ବ୍ରାହ୍ମଣୀ ନଦୀ ପାଣିକୁ ବିଶୁଦ୍ଧ କରି ଉକ୍ତ ବ୍ଲକର ପାଖାପାଖି ୪୨ ବସୁଧା ଟାଙ୍କିକୁ ପାଣି ପହଞ୍ଚାଇବା ବ୍ୟବସ୍ଥା ଫେଲ୍ ମାରିଛି।

୨୧୪ କୋଟି ଟଙ୍କା ବ୍ୟୟରେ ୨୦୧୯ରୁ ଏହାର କାର୍ଯ୍ୟ ଆରମ୍ଭ ହୋଇ ୨୦୨୨ ସୁଦ୍ଧା ଶେଷ କରିବା ପାଇଁ ଠିକା ସଂସ୍ଥା ସହ ପ୍ରଶାସନର ଚୁକ୍ତି ହୋଇଥିଲା। କିନ୍ତୁ କାର୍ଯ୍ୟ ଶେଷ ନ ହେବାରୁ ବିଭିନ୍ନ ବାହାନା ଦେଖାଇ ପୁଣି ଠିକା ସଂସ୍ଥା ସମୟ ବଢ଼ାଇଥିବା ସୂଚନା ମିଳିଛି। ଫଳରେ ପାନୀୟ ଜଳ ଅଭାବରୁ ଅନେକ ସମସ୍ୟା ଦେଖାଦେଇଛି। ଜଳ କଷ୍ଟ ସୀମା ଟପିବାରୁ ସାଧାରଣରେ ଅସନ୍ତୋଷ ବଢ଼ିବାକୁ ଲାଗିଛି। ବ୍ଲକ ଅଧୀନ ଭବାନୀପୁର ପଞ୍ଚାୟତ ଭୁବନ ଗାଁ ନିକଟରେ ନିର୍ମାଣାଧୀନ ବସୁଧା ପାନୀୟଜଳ ପ୍ରକଳ୍ପ ହେଉଛି ଏହାର ଉଦାହରଣ। ଏଠାରେ ନିର୍ମିତ ହେବାକୁ ଥିବା ପ୍ରକଳ୍ପ ୪ବର୍ଷ ହେଲା ଭୂଇଁରୁ ଉଠିପାରୁନାହିଁ। ତେଣୁ ପାଣି ସମସ୍ୟା ଫଳରେ ସ୍ଥାନୀୟ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ବାର୍ଷାଋତୁ ଚାଲୁଥିବାରୁ ସମସ୍ତଙ୍କୁ ଜଳ ଦୂଷିତର ଭୟ ରହିଛି। ଏହି ବ୍ଲକରେ ଅନେକ ଗାଁ ରହିଛି ଯେଉଁଠି ଲୋକେ କୂଅ ଉପରେ ନିର୍ଭର କରୁଛନ୍ତି। ସେଥିମଧ୍ୟରୁ ଦେଓଦା ପଞ୍ଚାୟତର ଖପରାଡିଆ ଗ୍ରାମରେ ଅଧିକ ସମସ୍ୟା ରହିଛି। ଏହି ଗ୍ରାମରେ ୫୦ରୁ ଊର୍ଦ୍ଧ୍ୱ ପରିବାରରେ ୨୦୦ରୁ ଅଧିକ ଲୋକେ ବସବାସ କରୁଛନ୍ତି। ଏଠାରେ ପାନୀୟ ଜଳ ସମସ୍ୟା ଥିବାରୁ ୧୦ ବର୍ଷ ପୂର୍ବେ ଏକ ନଳକୂପର ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ସେଥିରୁ ବାହାରୁ ଥିବା ପାଣିରେ ଆଇରନ ଥିବାରୁ ତାହା ପିଇବା ଉପଯୁକ୍ତ ନୁହେଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ କିଛି ଉପାୟ ନ ପାଇ ଖୋଲା କୂଅ ଉପରେ ଗ୍ରାମବାସୀ ନିର୍ଭର କରୁଛନ୍ତି। ଖୋଲା ପାଣି ପିଇବା ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହେଉଥିଲେ ବି ବିଶୁଦ୍ଧ ପାଣି ଅଭାବରୁ ଜୀବନ ବଞ୍ଚାଇବା ପାଇଁ ଏହାକୁ ସେମାନେ ବ୍ୟବହାର କରୁଥିବା କହିଛନ୍ତି। ସେହିପରି ବଡ଼କାଏମା, ମିର୍ଜାପୁର, ପାଟପୁର ଓ ଉତ୍ତରପ୍ରତାପ ଭଳି ଅନେକ ପଞ୍ଚାୟତରେ ସ୍ୱଚ୍ଛ ପାନୀୟ ଜଳ ପାଇଁ ଲୋକେ ହନ୍ତସନ୍ତ ହେଉଥିବା ଅଭିଯୋଗ କରିଛନ୍ତି। ତେଣୁ ଜିଲା ପ୍ରଶାସନ ଓ ସ୍ଥାନୀୟ ବିଧାୟକ ଏହା ଉପରେ ଦୃଷ୍ଟିଦେବାକୁ ଲୋକେ ନିବେଦନ କରିଛନ୍ତି।

ଏ ସମ୍ପର୍କରେ ଧର୍ମଶାଳା ଆର୍‌ଡବ୍ଲ୍ୟୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀ ଦେବାଶିଷ ଧଳଙ୍କୁ ପଚାରିବରେ ସେ ଏହାକୁ ସ୍ୱୀକାର କରିଥିବାବେଳେ ୪୨ ଟାଙ୍କି ମଧ୍ୟରୁ ୨ ଟାଙ୍କି କାମ ଚାଲୁଥିବା ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଚଣ୍ଡିଖୋଲ ସବ୍‌ଡିଭିଜନର ଏସ୍‌ଡିଓ ଅପର୍ତ୍ତି ବେହେରାଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କୌଣସି ଉତ୍ତର ଦେଇ ନ ଥିଲେ।

# କାଦୁଅ ପଚପଚ ସିଂହପୁର ହାଟ



**ସିଂହପୁର,୩୦।୭ (ଅନଙ୍ଗ ଉଦୟ ବେଉରିଆ):**

ବିଞ୍ଝାରପୁର ବ୍ଲକ୍‌ର ପ୍ରମୁଖ ବ୍ୟବସାୟୀ କେନ୍ଦ୍ର ସିଂହପୁର ବଜାର। ବଜାର ନିକଟରେ ଚାଲିଛି ସାପ୍ତାହିକ ହାଟ। ସପ୍ତାହର ଶନିବାର ଓ ମଙ୍ଗଳବାର ସାପ୍ତାହିକ ହାଟ ବସେ। ମାତ୍ର ଏହି ହାଟ ଅବସ୍ଥା ବର୍ଷାଦିନେ ବେହାଲ ହୋଇପଡିଛି। ହାଟପାଣି କାଦୁଅରେ ପଚପଚ ହେଉଛି। ଫଳରେ ବର୍ଷା ସମୟରେ ଗ୍ରାହକ ହାଟରୁ ସାମଗ୍ରୀ କିଣିବା କଷ୍ଟକର ହୋଇପଡୁଛି। ହାଟଟି ବ୍ୟକ୍ତିଗତ ମାଲିକାନାରେ ଚାଲିଛି। ଏହି ହାଟ ଉପରେ ଆଖପାଖ ଅଞ୍ଚଳର ପ୍ରାୟ ୨୫ ପଞ୍ଚାୟତର ଲୋକେ ନିର୍ଭର କରନ୍ତି। ସକାଳୁ ସନ୍ଧ୍ୟା ଯାଏ ହାଟରେ ଭିଡ଼ ରୁହେ। ବର୍ଷା ଦିନେ କାଦୁଅ ଓ ଅଳିଆ ସମସ୍ୟା ଦୀର୍ଘ ଦିନ ହେଲା ରହିଛି। ତେଣୁ ହାଟର ଦୁରବସ୍ଥା ତୁରନ୍ତ ଦୂର କରିବାକୁ ଗ୍ରାହକ ଓ ବ୍ୟବସାୟୀମାନେ ଦାବି କରିଛନ୍ତି।

# ବିରଜା ହାଟ ସ୍ଥାନାନ୍ତରକୁ ବିରୋଧ



ଧାରଣାରେ ସାମିଲ ହୋଇଥିବା ବିରଜା-ଅଗ୍ରେଶ୍ୱର ହାଟ ବ୍ୟବସାୟୀ ସଂଘ କର୍ମକର୍ତ୍ତା ଓ ଅନ୍ୟମାନେ।

**ଯାଜପୁର ଟାଉନ,୩୦।୭ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):**

### ସାମିଲ ହେଲେ ବ୍ୟବସାୟୀ, ଖାଉଟି ଓ ଚାଷୀ

ଯାଜପୁରର ଐତିହ୍ୟ ଓ କିମ୍ବଦନ୍ତୀ ବହନ କରୁଥିବା ବିରଜା ହାଟକୁ ଅତି ଚଞ୍ଚକତା ସହ ସନ୍ଥମାଧବ ନିକଟକୁ ସ୍ଥାନାନ୍ତର କରାଯାଇଥିବାରୁ ବିରୋଧର ସ୍ୱରଉଠିଛି। ବିରଜା-ଅଗ୍ରେଶ୍ୱର ହାଟ ବ୍ୟବସାୟୀ ସଂଘ ପକ୍ଷରୁ ମଙ୍ଗଳବାର ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କୁ ଦାବିପତ୍ର ପ୍ରଦାନ କରାଯାଇ ଏହାର ବିଚାର କରିବାକୁ ଅନୁରୋଧ କରାଯାଇଛି।

ବିରଜା-ଅଗ୍ରେଶ୍ୱର ହାଟ ବ୍ୟବସାୟୀ ସଂଘ କର୍ମକର୍ତ୍ତା ମଙ୍ଗଳବାର କିଲ୍ଲାଘାଟ ନିକଟରେ ଏକତ୍ରିତ ହୋଇ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ପରେ ବ୍ୟବସାୟୀ ଓ ଚାଷୀ ସାମିଲ ହୋଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଧାରଣା ଦେବା ସହ ପ୍ରତିବାଦ ସଭା କରିଥିଲେ। ସଭାରେ ବିଭିନ୍ନ ସଦସ୍ୟ ହାଟ ସ୍ଥାନାନ୍ତରକୁ ତୀବ୍ର ବିରୋଧ କରିଥିଲେ। କିମ୍ବଦନ୍ତୀ ଓ ଐତିହ୍ୟ ସମ୍ପନ୍ନ ବିରଜା ହାଟକୁ ଜନମାନସରୁ ଉଭେଇ ଦେବା ପାଇଁ କିଛି କୁଚକ୍ରୀ ଗୋଷ୍ଠୀ ଏ ପ୍ରକାର ପ୍ରୟାସ ଆରମ୍ଭ କରିଛନ୍ତି ବୋଲି ପ୍ରତିବାଦ ସଭାରେ ସେମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିରଜା ହାଟ ଉପରେ ଆଖପାଖ ଅଞ୍ଚଳର ବହୁ ଚାଷୀ ସେମାନଙ୍କ ଉତ୍ପାଦିତ ଫସଲକୁ ବିକ୍ରି କରିଥାନ୍ତି। ମାତ୍ର ବିରଜା ଅଗ୍ରେଶ୍ୱର ହାଟକୁ ହାଇଟେକ୍ ହାଟରେ ପରିଣତ କରିବା ପାଇଁ ସରକାର ଏହାର ଜମି ଅଧିଗ୍ରହଣ କରି ଏହାକୁ ନିୟନ୍ତ୍ରିତ ବଜାର କମିଟିକୁ ହସ୍ତାନ୍ତର କରିଥିଲେ। ଜମି ହସ୍ତାନ୍ତର ପରେ ନିୟନ୍ତ୍ରିତ ବଜାର କମିଟି ହାଟର ଉନ୍ନତିକରଣ ନିମନ୍ତେ ସମସ୍ତ କାର୍ଯ୍ୟ ହାତକୁ ନେବା ସହିତ ହାଟରୁ ମହାସୁଲ୍ ଆଦାୟ କରୁଥିଲା। ୨୦୨୪ ଜାନୁଆରୀ ୫ରେ ତତ୍କାଳୀନ ଜିଲାପାଳ ହାଟକୁ ସନ୍ଥମାଧବକୁ ସ୍ଥାନାନ୍ତର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହାଟ ସ୍ଥାନାନ୍ତର ପାଇଁ ଦିଆଯାଇଥିବା ନିର୍ଦ୍ଦେଶକୁ ବ୍ୟବସାୟୀ ଓ ଚାଷୀ ଜାଣିପାରି ନ ଥିଲେ। ହାଟ ସ୍ଥାନାନ୍ତରକୁ ବ୍ୟବସାୟୀ ଓ ଚାଷୀ ବିରୋଧ କରିବାରୁ ତାଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରାଯିବା ସହ ବିଭିନ୍ନ ପ୍ରକାର ଧମକ ଦିଆଯାଇଥିଲା ବୋଲି ଆନ୍ଦୋଳନକାରୀ କହିଛନ୍ତି। ଧାରଣାରେ ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ଯାଜପୁର ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯାଜପୁର ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ର, ମଙ୍ଗଳପୁର ଥାନାଧିକାରୀ ଚିନ୍ମୟୀ ସାହୁ, ବିଞ୍ଝାରପୁର ଥାନାଧିକାରୀ ବାମଦେବ ନନ୍ଦ ଓ ବ୍ରହ୍ମବରଦା ଥାନାଧିକାରୀ ଦେବାଶିଷ ଶତପଥୀଙ୍କ ସମେତ ବହୁ ପୋଲିସ ଅଧିକାରୀଙ୍କୁ ମୁତୟନ କରାଯାଇଥିଲା।

# ଇନ୍ଦିରା ଗାନ୍ଧୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୨ ନୂତନ ବିଷୟ ସାମିଲ

**ଯାଜପୁରରୋଡ୍,୩୦।୭ (ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗରସ୍ଥିତ ଇନ୍ଦିରା ଗାନ୍ଧୀ ଉଚ୍ଚ ମାଧ୍ୟମିକ ମହିଳା ବିଦ୍ୟାଳୟରେ ଦ୍ୱାଦଶ(+୨)ଶ୍ରେଣୀର କଳା ବିଭାଗରେ ଶିକ୍ଷା (ଏଜୁକେଶନ) ଏବଂ ବିଜ୍ଞାନରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟା(ଆଇଟି) ବିଷୟ ସାମିଲ ହୋଇଛି। ଏହାକୁ ନେଇ ଛାତ୍ରୀ ଓ ଅଭିଭାବକ ମହଲରେ ଆନନ୍ଦର ଲହରି ଖେଳିଯାଇଛି। ବିଭାଗୀୟ ସୂଚନା ଅନୁଯାୟୀ, ନୂତନ ବିଷୟ ଭାବେ ଶିକ୍ଷାରେ ୧୨୮ସିଟ ଓ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଷୟରେ ୬୪ ସିଟ ଲାଗି ଅନୁଷ୍ଠାନର ଅଧ୍ୟକ୍ଷା ପଙ୍କଜିନୀ ପାଣି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ନିକଟରେ ଆବେଦନ କରିଥିଲେ। ତଦନୁଯାୟୀ ସଂପୃକ୍ତ ବିଷୟ ଦ୍ୱୟ ବିଭାଗ ପକ୍ଷରୁ ଅନୁମୋଦନ ପାଇଛି। ଏନେଇ ଅନୁଷ୍ଠାନର ଅଧ୍ୟକ୍ଷା ପାଣିଙ୍କୁ ଛାତ୍ରୀମାନଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ, ଅଭିଭାବକ ଓ ଅନୁଷ୍ଠାନର ଅଧ୍ୟାପିକାଅଧ୍ୟାପକ ଏବଂ କର୍ମଚାରୀମାନେ ଶୁଭେଚ୍ଛା ଜଣାଇଛନ୍ତି। ଅଧ୍ୟକ୍ଷା ପାଣି ଏହି ଅନୁମୋଦନ ପାଇଁ ରାଜ୍ୟ ସରକାର ଓ ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।




# ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ



ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

**ଯାଜପୁର ଟାଉନ,୩୦।୭ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ମଙ୍ଗଳବାର ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଏପ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଶୁଭେନ୍ଦ୍ର କୁମାର ସାମଲ ଏବଂ ଅତିରିକ୍ତ ଜିଲାପାଳ(ପ୍ରଶାସନ) ନବକ୍ରିଷ୍ଣ ଜେନା ଯୋଗଦେଇଥିଲେ। ଜିଲା ପରିଷଦ ସଭାପତି ନଳିନୀପ୍ରଭା ଜେନା, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଶୋକ କୁମାର ବେହୁରିଆ, ଯାଜପୁର ପୌର ପରିଷଦ ଅଧ୍ୟକ୍ଷା ରଞ୍ଜୁଲତା ହୋତା ଯୋଗଦେଇ ପରେଡ୍ ପଡ଼ିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ନିମନ୍ତେ ଏକ ସ୍ୱତନ୍ତ୍ର ପ୍ଲାଟଫର୍ମ ପ୍ରସ୍ତୁତ କରିବାକୁ ପ୍ରସ୍ତାବ ପ୍ରଦାନ କରିଥିଲେ।

ବୈଠକର ନିଷ୍ପତ୍ତି ଅନୁଯାୟୀ, ଜିଲା ସଦର ମହକୁମାସ୍ଥ କୁସୁମା ପୁଷ୍କରିଣୀ ସମ୍ମୁଖ ପଡ଼ିଆରେ ସ୍ୱାଧୀନତା ଦିବସ ମହାସମାରୋହରେ ପାଳନ କରାଯିବ। ପ୍ରତ୍ୟୁଷରୁ ଜିଲା ସୂଚନା ଓ ଲୋକସଂପର୍କ ବିଭାଗ ଆନୁକୂଲ୍ୟରେ ଡାକବାଜି ଯନ୍ତ୍ର ଯୋଗେ ସହରରେ ରାମଧୁନ ପ୍ରଚାର କରାଯିବ। ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ଓଡ଼ିଆ ବକ୍ତୃତା ଓ ଦେଶାତ୍ମବୋଧକ ସଙ୍ଗୀତ, ପ୍ରାଥମିକଠାରୁ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଚିତ୍ରାଙ୍କନ ଓ ମଧ୍ୟଇଂରାଜୀ, ଉଚ୍ଚ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟସ୍ତରରେ ଇଂରାଜୀ ବକ୍ତୃତା ପ୍ରତିଯୋଗିତା, ପ୍ରାଥମିକଠାରୁ ମହାବିଦ୍ୟାଳୟସ୍ତର ଏବଂ ସାଧାରଣ ମହିଳା ଓ ପୁରୁଷ ବିଭାଗରେ କୁଇଜ୍ ପ୍ରତିଯୋଗିତା ଜିଲା ଶିକ୍ଷା ଅଧିକାରୀଙ୍କ ଆନୁକୁଲ୍ୟରେ ଅନୁଷ୍ଠିତ ହେବ। ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ହେବ। ଚୂଡ଼ାନ୍ତ ପରେଡରେ ସର୍ବାଧିକ ୫୨ କଣ୍ଟିଜେଣ୍ଟ ଅଂଶ ଗ୍ରହଣ କରିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପ୍ରାରମ୍ଭରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରିଜର୍ଭ ଇନ୍ସପେକ୍ଟର ଦିନେଶ କୁମାର ସାହୁ, ଏସଡିଓ ଭଗବାନ ସାହୁ, ଉପଆରକ୍ଷୀ ଅଧୀକ୍ଷକ ଅନିଲ ପ୍ରଧାନ, ଜିଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଗୁଡ୍ଡୁ ଓ ଜିଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୋନାଲି ବେହେରାଙ୍କ ସମେତ ବୁଦ୍ଧିଜୀବୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ବୈଠକରେ ଉପସ୍ଥିତ ଥିଲେ।

# ପଞ୍ଚାୟତ କର୍ମଚାରୀ ମହାସଂଘର ସମସ୍ୟା ଆଲୋଚନା

**ଧର୍ମଶାଳା,୩୦।୭(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ଅଧୀନ ଜାରକାସ୍ଥିତ ତ୍ରିନାଥ ମନ୍ଦିର ପରିସରରେ ଓଡ଼ିଶା ଗ୍ରାମ ପଞ୍ଚାୟତ କର୍ମଚାରୀ(ପିଅନ) ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାସଂଘର ମୌଳିକ ଦାବି ସମୂହ ଉପରେ ଆଲୋଚନା କରାଯାଇଛି। ରାଜ୍ୟ ମହାସଂଘ କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାର ଶତାଧିକ ସଭ୍ୟ ଯୋଗଦେଇ ସରକାରଙ୍କୁ ନିଜର ଦାବି ଜଣାଇବାକୁ ନିଷ୍ପତ୍ତି ନେଇଛନ୍ତି। ବିଶେଷ କରି ଗ୍ରାମ ପଞ୍ଚାୟତରେ ଗୋଟିଏ ଲେଖାଏ ପିଅନ ପଦବୀ ସୃଷ୍ଟି କରିବା ସହ ସ୍ଥାୟୀ ନିଯୁକ୍ତି ଓ ନିୟମିତ ଦରମା ପ୍ରଦାନ, ଆଇନକୁ ସଂଶୋଧନ କରିବା, ଚାକିରି କ୍ଷେତ୍ରରେ ବୀମା ଭୁକ୍ତ କରିବା, ସାମାଜିକ ସୁରକ୍ଷା ପ୍ରଦାନ କରିବା, ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ ପଦୋନ୍ନତି ଦେବା ଓ ଅବସର କର୍ମଚାରୀଙ୍କ ପାଇଁ ପେନସନ ବ୍ୟବସ୍ଥା କରିବା ଉପରେ ଆଲୋଚନା କରାଯାଇ ସରକାରଙ୍କ ନିକଟରେ ଉପସ୍ଥାପନ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଛି। ବୈଠକରେ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ସୁବ୍ରତ କୁମାର ଧଳ, ଚିତ୍ତରଞ୍ଜନ ଦାସ, ରମେଶ ବାରିକ, ମାନସ ମଲିକ, ତ୍ରିଲୋଚନ ଜେନା ଓ ସଂଗ୍ରାମ ପଣ୍ଡା ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।




ଆଲୋଚନାରେ ଯୋଗଦେଇଥିବା ଓଡ଼ିଶା ଗ୍ରାମ ପଞ୍ଚାୟତ କର୍ମଚାରୀ(ପିଅନ) ମହାସଂଘର କର୍ମକର୍ତ୍ତା।

# ବିଞ୍ଝାରପୁର ସିଏଚ୍‌ସିରେ ବେଆଇନ ଗାଡ଼ି ପାର୍କିଂ

### ପଦକ୍ଷେପ ନେବାକୁ ଥାନା ଅଧିକାରୀଙ୍କୁ ଚିଠି ଲେଖିଲେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ

**ବିଞ୍ଝାରପୁର,୩୦।୭(ରାମକୃଷ୍ଣ ଦାସ):**

ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି) ବିଞ୍ଝାରପୁର ବଜାରର ନିକଟରେ ରହିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବିଞ୍ଝାରପୁର ବ୍ଲକ ଅଧୀନ ୨୯ ପଞ୍ଚାୟତ ସହ ବରୀ ଏବଂ ଆଳି ବ୍ଲକର ଲୋକେ ନିର୍ଭର କରନ୍ତି। କିନ୍ତୁ ଦୁଃଖର ବିଷୟ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ରୋଗୀ ନେଇ ଆସୁଥିବା ଆମ୍ବୁଲାନ୍ସ ଡାକ୍ତରିଖାନା ପରିସରକୁ ପ୍ରବେଶ କରିବାରେ ବିଳମ୍ବ ହେଉଛି। ଏହାର ମୁଖ୍ୟ କାରଣ ପାଲଟିଛି ବେଆଇନ ଗାଡି ପାର୍କିଂ। ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କ ସମ୍ପର୍କୀୟ ମନଇଚ୍ଛା ଡାକ୍ତରଖାନା ପରିସରରେ ଗାଡ଼ି ରଖୁଛନ୍ତି। ସେହିପରି ଭଡ଼ା ଗାଡ଼ିଗୁଡ଼ିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସ୍ଥାନ ମାଡ଼ି ବସି ଦୀର୍ଘ ସମୟ ଛିଡ଼ା ହୋଇ ରହୁଛନ୍ତି। ଫଳରେ ବେଆଇନ ପାର୍କିଂ ବଢ଼ିଚାଲିଛି। ଏନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ କ୍ଷିତୀଶ କୁମାର ନାୟକ ବିଞ୍ଝାରପୁର ଥାନା ଅଧିକାରୀଙ୍କୁ ଏକ ଚିଠି ଲେଖି ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଉକ୍ତ ପତ୍ରରେ ଉଲ୍ଲେଖ ରହିଛି ଯେ, ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଅଫିସ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତ୍ୟେକ ଦିନ ମୋଟର ସାଇକେଲ ଏବଂ ଚାରିଚକିଆ ଯାନ ବେଆଇନ ଭାବରେ ରଖାଯାଉଛି। ଫଳରେ ରୋଗୀ ସେବା ବାଧାପ୍ରାପ୍ତ ହେଉଛି। ତେଣୁ ଯଥା ସମ୍ଭବ ଆବଶ୍ୟକ ପଦକ୍ଷେପ ନେବାକୁ ସେ ଥାନା ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି।




ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପାର୍କିଂ ହୋଇଥିବା ଗାଡ଼ି।

# ସହରବାସୀଙ୍କୁ ଡେଙ୍ଗୁ, ମ୍ୟାଲେରିଆ ଭୟ ଘାରିଛି

କେନ୍ଦ୍ରାପଡ଼ା, ୩୦।୭ (ଜଗନ୍ନାଥ ଧଳ)

୨୦୧୪ ଫେବୃଆରୀ ୨୩ରୁ ରାଜ୍ୟରେ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକାରୀ ହେଲାଣି। ତେବେ କେନ୍ଦ୍ରାପଡ଼ା ସହରରେ ଏହି ମିଶନ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇପାରିନାହିଁ। ଏଠାରେ ୨୪ ମହିଳା ଆରୋଗ୍ୟ ସମିତି ଗଠନ ହେବାକୁ ଥିବା ବେଳେ ମାତ୍ର ୧୮ଟି ପଞ୍ଜୀକୃତ ହୋଇଛି। ୬୦ ହଜାରରୁ ଊର୍ଦ୍ଧ୍ୱ ଲୋକସଂଖ୍ୟାରେ ଗଠିତ ୨୧ ୱାର୍ଡରେ ଏଯାଏ ୱାର୍ଡ କଲ୍ୟାଣ ସମିତି ଗଠନ ହୋଇନାହିଁ। ସହରର ବିଭିନ୍ନ ୱାର୍ଡରେ ଆଶା ପଦବୀ ଖାଲି ପଡ଼ିଛି। ଏପରିକି ସହର ମଧ୍ୟରେ ଅପପୁଷ୍ଟିଜନିତ ଲୋକସଂଖ୍ୟା କେତେ ସେନେଇ ହେଉଥିବା ସର୍ଭେ ଅଦ୍ୟାବଧି ସରିନାହିଁ। ସେହିପରି ରାଜ୍ୟର ସର୍ବ ପୁରାତନ ଏହି ମ୍ୟୁନିସିପାଲିଟିରେ ଜଳ ନିଷ୍କାସନ ଏକ ସମସ୍ୟା ହୋଇଥିବାରୁ ସହରବାସୀ ଡେଙ୍ଗୁ ଓ ମ୍ୟାଲେରିଆ ଭୟରେ କାଳାତିପାତ କରୁଛନ୍ତି।

ଆଇନଜୀବୀ ସରୋଜରାଜ ସିଂହ କହିଛନ୍ତି, ୨୦୧୪ ଜାନୁଆରୀ ୨୦ରେ କେନ୍ଦ୍ର ସରକାର ଏହି ମିଶନ ଆରମ୍ଭ କରିଛନ୍ତି। ମିଶନର ଲକ୍ଷ୍ୟ ଅନୁଯାୟୀ ୫୦ ହଜାରରୁ ଊର୍ଦ୍ଧ୍ୱ ସହରବାସୀଙ୍କ ପାଇଁ ଏକ ଅପଗ୍ରେଡେଡ ପିଏଚସି ହେବ। ଜଣେ ମେଡିକାଲ ଅଫିସରଙ୍କ ସହ ୨ ଡାକ୍ତର ରହିବେ। ସହର ମଧ୍ୟରେ ଥିବା ବସ୍ତି ଅଞ୍ଚଳର ୫୦ରୁ ୧୦୦ ଘରକୁ ନେଇ ଏକ ମହିଳା ଆରୋଗ୍ୟ ସମିତି ଗଠନ କରାଯିବ। ସେହିପରି ପ୍ରତ୍ୟେକ ୱାର୍ଡରେ ଏକ କଲ୍ୟାଣ ସମିତି ଗଠନ କରାଯାଇ ସୁସ୍ଥ ବସ୍ତି, ସୁସ୍ଥ ୱାର୍ଡ, ସୁସ୍ଥ ସହର ଓ ସୁସ୍ଥ ରାଜ୍ୟ ଯୋଜନାକୁ ରୂପରେଖ ଦେବ। ଏହି ସମିତିର ସଭ୍ୟାସଭ୍ୟ ସହରର ପରିମଳ, ସ୍ୱାସ୍ଥ୍ୟ ସେବା ଓ ଅପପୁଷ୍ଟି ସମସ୍ୟାକୁ ଉପସ୍ଥାପନା ସହ ସମାଧାନ ପାଇଁ ପ୍ରଯତ୍ନ କରିବେ। ଫଳରେ ଝାଡାବାନ୍ତି, ମ୍ୟାଲେରିଆ, ଜଣ୍ଡିସ, ଡେଙ୍ଗୁ ଆଦି ରୋଗ ବସ୍ତି ଅଞ୍ଚଳରେ ସତର୍କତା ଅବଲମ୍ବନ କରିହେବ। ଏଥିପାଇଁ ଆରୋଗ୍ୟ ସମିତିକୁ ୫ ହଜାର ଓ ୱାର୍ଡ କଲ୍ୟାଣ ସମିତିକୁ ୧୦ ହଜାର ଟଙ୍କା ଦେବା ପାଇଁ ବ୍ୟବସ୍ଥା ହୋଇଛି। ଏହି ମିଶନ ଅନୁଯାୟୀ ସହରାଞ୍ଚଳ ପାଇଁ ଥିବା ଏଏନ୍‌ଏମ୍ ପୋଷ୍ଟ ଅଦ୍ୟାବଧି ଖାଲି ପଡ଼ିଛି। ସହରର ପରିମଳ ବ୍ୟବସ୍ଥା ଠିକ ନାହିଁ। ସାମାନ୍ୟ ବର୍ଷାରେ ବିଭିନ୍ନ ୱାର୍ଡର ନାଳ ଉଛୁଳିବା ସହିତ ପାଣି ଜମି ରହୁଛି। ଖଡ଼ିଅଙ୍ଗର ମନୋଜ କୁମାର ସିଂହ କହିଛନ୍ତି, ରାସ୍ତା ନିକଟରେ ଥିବା ଟ୍ୟୁବ୍‌ୱେଲ ଓ ଟ୍ୟାପ ନିକଟରେ ପାଣି ଜମି ରହି ମଶା ମାଛିଙ୍କ ଉପଦ୍ରବ ବଢ଼ୁଛି। ପ୍ରତିବର୍ଷ ବର୍ଷାଋତୁରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେଉଥିବାରୁ ଡେଙ୍ଗୁ, ମ୍ୟାଲେରିଆ ପରି ଜଳବାହିତ ରୋଗ ବ୍ୟାପିବା ସହିତ ରୋଗୀ ମୃତ୍ୟୁମୁଖରେ ପଡୁଛନ୍ତି। ଅପପୁଷ୍ଟି ଘଟଣା ନଜରକୁ ଆସୁଛି। ସହରରେ ଜବରଦଖଲ ଏକ ମୁଖ୍ୟ ସମସ୍ୟା ହୋଇଛି। ଜଳପଥ ହେଉ ଅଥବା ସରକାରୀ ରାସ୍ତା ଏବେ ଜବରଦଖଲକାରୀଙ୍କ କବଜାକୁ ଚାଲିଯାଇଛି। ସାମାଜିକ କର୍ମୀ ଅମରବର ବିଶ୍ୱାଳ କହିଛନ୍ତି, କାଗଜପତ୍ରରେ ସବୁକିଛି ଠିକ୍‌ଠାକ୍ ଥିବା ଦର୍ଶାଯାଉଛି। ତେବେ ରାଜ୍ୟର ସର୍ବପୁରାତନ ଏହି ସହର ପ୍ରତି ରାଜନେତା, ପ୍ରଶାସକଙ୍କର ଧ୍ୟାନ ରହୁନାହିଁ। ସେକ୍ ଅଜଗନ କହିଛନ୍ତି, ସହରର ପରିସୀମା ଦ୍ରୁତଗତିରେ ବଢ଼ୁଛି। ସେହି ଅନୁଯାୟୀ ଜନସଂଖ୍ୟା ବଢ଼ୁଛି। ମାତ୍ର ସରକାରୀ ଭାବେ ପରିସୀମା ବୃଦ୍ଧି ସମ୍ପର୍କରେ ଘୋଷଣା ହୋଇ ନ ଥିବାରୁ ସହର ତଳି ଅବସ୍ଥା ଭୟଙ୍କର ହୋଇଛି। ପରିବେଶ ସୁସ୍ଥତା ପ୍ରତି ଜିଲା ପ୍ରଶାସନ ଆଦୌ ଧ୍ୟାନ ଦେଉନାହାନ୍ତି। ଏବେ ଜିଲାରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ୧୬ରେ ପହଞ୍ଚିଲାଣି। ଜଳବାହିତ ରୋଗ ନିରାକରଣ ପାଇଁ ତୁରନ୍ତ ପଦକ୍ଷେପ ନିଆଯାଉ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ପୌରପାଳିକା ଅଧ୍ୟକ୍ଷା ସରିତା ସାହୁଙ୍କୁ ପଚାରିବାରେ ସହରର ପରିମଳ ବ୍ୟବସ୍ଥା ସୁଧାରିବା ପାଇଁ ବ୍ୟବସ୍ଥା ହୋଇଛି। ଏଥିସହ ପାଣି ଜମି ରହୁଥିବା ସ୍ଥାନ ଚିହ୍ନଟ କରାଯାଇ ନିଷ୍କାସନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯାଉଛି।


କେନ୍ଦ୍ରାପଡ଼ା ସହର ମଧ୍ୟରେ ଥିବା ଗୋବରୀ କେନାଲ ଆବର୍ଜନାରେ ଭର୍ତ୍ତି ହୋଇଛି।

■ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକାରୀ ହେଉନି
■ ୱାର୍ଡ କଲ୍ୟାଣ କମିଟି କାର୍ଯ୍ୟକାରୀ ନେଇ ସନ୍ଦେହ

# ୨ ବ୍ଲକ ଲୋକଙ୍କ ଘରେ ପହଞ୍ଚିବ ପାନୀୟ ଜଳ

ମହାକାଳପଡ଼ା, ୩୦।୭(ପ୍ରତାପ ଚନ୍ଦ୍ର ସ୍ୱାଇଁ)

**ଡିସେମ୍ବରରେ ସରିବ ମହାକାଳପଡ଼ା ମେଗା ପାନୀୟ ଜଳ ପ୍ରକଳ୍ପ**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଓ ମାର୍ଶାଘାଇ ବ୍ଲକରେ ପାନୀୟ ଜଳ ସମସ୍ୟା ଯୋଗୁ ପୂର୍ବ ସରକାର ୨୪୧କୋଟି ଟଙ୍କା ବ୍ୟୟ ଅଟକଳରେ ମେଗା ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ ୨୦୧୮ କରିଥିଲେ। ବିଭିନ୍ନ କାରଣ ଯୋଗୁ ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ବିଳମ୍ବ ହୋଇଥିଲା ବେଳେ ବିଧାନସଭାରେ ସ୍ଥାନୀୟ ବିଧାୟକ ପ୍ରଶ୍ନ କରିଥିଲେ। ଉତ୍ତରରେ ମନ୍ତ୍ରୀ ଡିସେମ୍ବର ଶେଷ ସୁଦ୍ଧା ଘରେ ଘରେ ସ୍ୱଚ୍ଛ ପାନୀୟ ଜଳ ପହଞ୍ଚିବ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ଏହି ପାନୀୟ ଜଳ ପ୍ରକଳ୍ପଟି ଗ୍ରାମ୍ୟ ଜଙ୍ଗଲ ଜମିରେ ନିର୍ମାଣ ଚାଲିଥିବା ନେଇ କେତେଜଣ ସାମାଜିକ କର୍ମୀ ଏନ୍‌ଜିଟିରେ ଏକ ମାମଲା ରୁଜୁ କରିଥିଲେ। ମାମଲା ରୁଜୁ ପରେ ପ୍ରକଳ୍ପଟି ୨ବର୍ଷରୁ ଅଧିକ ହେଲା ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିଲା। ପରେ ପ୍ରକଳ୍ପଟି ୨ ବ୍ଲକକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପାଇଁ ନିର୍ମାଣକାରୀ ସଂସ୍ଥା ଏଲ୍‌ଆଣ୍ଡଟି ହାତକୁ ନେଇ କାର୍ଯ୍ୟ ଆରମ୍ଭ କରିଥିଲା। ନିର୍ମାଣକାରୀ ସଂସ୍ଥା କେତେକ ସବ୍ ଲେଟ ମାଧ୍ୟମରେ ଉଚ୍ଚ ଟାଙ୍କି ଓ ପାଇପ୍ ଲାଇନ ବିଛା ଯାଇଥିଲା। ହେଲେ ୫ ବର୍ଷରୁ ଅଧିକ ସମୟ ପ୍ରକଳ୍ପଟି ଶିଳାନ୍ୟାସ ହୋଇଥିଲେ ମଧ୍ୟ ଅଦ୍ୟାବଧି ଅଧାପନ୍ତରିଆ ହୋଇପଡିଛି। ତେବେ ଏହି ମୌଳିକ ସମସ୍ୟା ଓ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ମେଗା ପାନୀୟ ଜଳ ପ୍ରକଳ୍ପ ଓ ଟ୍ୟାଙ୍କର ଯୋଗେ କିଛି ଅଞ୍ଚଳରେ ପାଣି ଯୋଗାଣ


ବିଧାନସଭାରେ ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ପାନୀୟ ଜଳ ପ୍ରକଳ୍ପ ସମ୍ପର୍କିତ ପ୍ରଶ୍ନ ପଚାରୁଛନ୍ତି।

ଯଥେଷ୍ଟ ନୁହେଁ ବୋଲି ବିଧାନସଭାରେ ମଙ୍ଗଳବାର ସ୍ଥାନୀୟ ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ ବାଚସ୍ପତି ସୁରମା ପାଢ଼ୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକଙ୍କ ପ୍ରଶ୍ନର ଉତ୍ତର ରଖି ମନ୍ତ୍ରୀ ମହାକାଳପଡ଼ା ମେଗା ପାନୀୟ ଜଳ ପ୍ରକଳ୍ପଟି ୮୯ ପ୍ରତିଶତ କାମ ସରିଛି ବୋଲି କହିଛନ୍ତି। ଡିସେମ୍ବର ଶେଷ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ ବୋଲି ମନ୍ତ୍ରୀ ବିଧାନସଭାରେ କହିଥିଲେ। ଦୀର୍ଘଦିନ ପରେ ଏହି ୨ ବ୍ଲକରେ ଟ୍ୟାପରେ ସ୍ୱଚ୍ଛ ପାନୀୟ ଜଳ ପହଞ୍ଚିବା ଆଶା ସଞ୍ଚାର ହୋଇଛି। ବିଧାୟକ ନାୟକ ପାନୀୟଜଳ ସମସ୍ୟା ଉପରେ ଗୃହରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇ ଥିବାରୁ ମହାକାଳପଡ଼ା ଓ ମାର୍ଶାଘାଇ ଅଞ୍ଚଳର ବୁଦ୍ଧିଜୀବୀ, ସାମାଜିକ କର୍ମୀଙ୍କ ସମେତ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି।

# ଶିକ୍ଷକ ସାଇବର ଠକାମିର ଶିକାର ହୋଇ ୫୦ ହଜାର ଗଣିଲେ

**ପୁଅ ଡ୍ରଗ୍ସ ଅଭିଯୋଗରେ ଫସିଥିବା କହି ଫୋନ୍‌ରେ ଧମକ**

ରାଜକନିକା,୩୦।୭(ସଞ୍ଜୟ କୁମାର ଦାଶ)

ଦିନକୁ ଦିନ ସାଇବର ଠକ କାୟା ବିସ୍ତାର କରୁଥିବା ବେଳେ ସାଧାରଣ ଲୋକ ଅଧିକ ଶିକାର ହେଉଥିବା ଦେଖିବାକୁ ମିଳୁଛି। କେନ୍ଦ୍ରାପଡ଼ା ଜିଲା ରାଜକନିକା ଅଞ୍ଚଳର ଜଣେ ଶିକ୍ଷକ ସାଇବର ଠକାମିର ଶିକାର ହୋଇଛନ୍ତି। ପୁଅ ଡ୍ରଗ୍ସ ଅଭିଯୋଗରେ ଫସିଛି, ଯଦି ପୁଅକୁ ପାଇବା ପାଇଁ ଚାହୁଁଛ, ତେବେ ତୁରନ୍ତ ୨ଲକ୍ଷ ଦେବାକୁ ହେବ, ନଚେତ୍ ଶୁଟ୍ କରିଦେବୁ। ଏମିତି କିଛି ଧମକପୂର୍ଣ୍ଣ ଭାଷାରେ ଶିକ୍ଷକ ଯଶୋବନ୍ତ ପଲାଇଙ୍କ ପାଖକୁ ଫୋନ୍ ଆସିଥିଲା। ଫଳରେ ସେ ଭୟରେ ୨ଥରରେ ୫୦ହଜାର ଟଙ୍କା ଦେଇଛନ୍ତି। ଏ ନେଇ ଯଶୋବନ୍ତ ରାଜକନିକା ଥାନାରେ ସୋମବାର ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, ରାଜକନିକା ଥାନା କାଟଣା-ବଣିଆଁ ପଞ୍ଚାୟତର କାଟଣା ଗାଁର ଯଶୋବନ୍ତଙ୍କ ଫୋନ୍‌କୁ ଗତ ୨୭ ତାରିଖରେ ଏକ ଅଜଣା ନମ୍ବରରୁ କ୍ରାଇମବ୍ରାଞ୍ଚ ଏସ୍‌ଡିପିଓ କହୁଛି ବୋଲି ଫୋନ ଆସିଥିଲା। ତାଙ୍କ ପୁଅ ଡ୍ରଗ୍ସ କାରବାରରେ ଲିପ୍ତ ଥିବା ଅଭିଯୋଗରେ ଧରାପଡିଛି। ଯଦି ପୁଅକୁ ମୁକୁଳାଇବାକୁ ଚାହୁଁଛ, ତୁରନ୍ତ ଡିସ୍ପ୍ଲେ ହେଉଥିବା ନମ୍ବରରେ ୨ଲକ୍ଷ ଟଙ୍କା ପଠାଅ, ନଚେତ ଅବିଳମ୍ବେ ଶୁଟ୍ କରିଦେବୁ ବୋଲି ଏକ ଧମକପୂର୍ଣ୍ଣ କଲ ଆସିଥିଲା। ଏତିକିରେ ସରି ନ ଥିଲା, ଆହୁରି ମଧ୍ୟ ପୋଲିସ ଡ୍ରେସ୍ ପିନ୍ଧା ଫଟୋ ଥିବା ଏକ ହ୍ୱାଟ୍ସଆପ୍ ଭଏସ୍ କଲରେ ମୋ (ଯଶୋବନ୍ତ) ସାନପୁଅ ଜୟପ୍ରକାଶର ଅବିକଳ ଭଏସ୍‌ରେ କାନ୍ଦୁଥିବା ଶୁଣାଇଥିଲେ। ଏଥିରେ ବିଚଳିତ ହୋଇ ୨ଥରକରେ ୫୦ହଜାର ଟଙ୍କା ପଠାଇଥିଲି। ପରେ ବଡ଼ପୁଅ ଜ୍ୟୋତିପ୍ରକାଶଠାରୁ ସାନପୁଅ ଭଲ ଅଛି ଜାଣିବାକୁ ପାଇଲି। ଏହା ସମ୍ପୂର୍ଣ୍ଣ ମିଛ ଏବଂ ସାଇବର ଠକାମିର ଶିକାର ହୋଇଥିବା ଜାଣି ଥାନାରେ ଲିଖିତ ଅଭିଯୋଗ କରିଛି ବୋଲି କହଛନ୍ତି। ଏ ନେଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଦିଲୀପ କୁମାର ଧଳ କହିଛନ୍ତି।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଆଳି ଥାନା ଘେରାଉ


ନିଆଳ ଗାଁର ମହିଳାମାନେ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଘେରାଉ କରିଛନ୍ତି।

ଆଳି, ୩୦।୭(ବନମାଳୀ ସେନାପତି)

**ରାଜେନ୍ଦ୍ରଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା**

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ ନିଆଳ ଗ୍ରାମର ରାଜେନ୍ଦ୍ର ପଲାଇଙ୍କ ଉପରେ ହୋଇଥିବା ସଂଘବଦ୍ଧ ଆକ୍ରମଣ ଘଟଣାକୁ ୫ଦିନ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇନାହିଁ। ତେଣୁ ମଙ୍ଗଳବାର ନ୍ୟାୟ ପାଇବା ନିମନ୍ତେ ନିଆଳ ଗ୍ରାମର ଶତାଧିକ ମହିଳା ଥାନା ଘେରାଉ କରିଥିଲେ।

ସୂଚନାଯୋଗ୍ୟ ନିଆଳ ଗ୍ରାମର ରାଜେନ୍ଦ୍ର ୨୫ ତାରିଖ ଅପରାହ୍ନରେ ରାଜକନିକା ବିଦ୍ୟୁତ୍ ବିଭାଗରୁ କାର୍ଯ୍ୟ ସାରି ଘରକୁ ଫେରୁଥିବାବେଳେ ନିଆଳ ପଞ୍ଚାୟତ କାର୍ଯ୍ୟାଳୟଠାରୁ ଅଳ୍ପ ଦୂରରେ ତାଙ୍କ ଉପରେ କେତେଜଣ ଯୁବକ ମାରଣାସ୍ତ୍ରରେ ଅତର୍କିତ ଆକ୍ରମଣ କରିଥିଲେ। ଲୁହାରଡ଼, କଟୁରି ଭଳି ବିଭିନ୍ନ ମାରଣାସ୍ତ୍ରରେ ଯୁବକମାନେ ରାଜେନ୍ଦ୍ରଙ୍କ ବେକ, ହାତ, ଦୁଇ ଗୋଡ଼ ସହିତ ଶରୀରରେ ବିଭିନ୍ନ ସ୍ଥାନରେ ଚୋଟ ମାରିଥିଲେ। ରାଜେନ୍ଦ୍ରଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ପ୍ରଥମେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆ ଯାଇଥିଲା। ତାଙ୍କର ଏବେ ଏକ ଘରୋଇ ମେଡିକାଲରେ ଚିକିତ୍ସା ଚାଲିଛି। ଘଟଣାକୁ ୫ଦିନ ବିତିଯାଇଥିବା ବେଳେ ପୋଲିସ କେବଳ ୨ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟମାନେ ଫେରାର ଅଛନ୍ତି। ରାଜେନ୍ଦ୍ରଙ୍କୁ ଆକ୍ରମଣ କରିଥିବା ସମସ୍ତ ଯୁବକଙ୍କୁ ଗିରଫ କରି ନ୍ୟାୟ ଦେବା ନିମନ୍ତେ ମହିଳାମାନେ ପୋଲିସ ନିକଟରେ ଦାବି କରିଛନ୍ତି। ଆଗାମୀ ୪ ଦିନ ମଧ୍ୟରେ ପୋଲିସ ଯଦି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ ତେବେ ସେମାନେ ଏସ୍‌ପି କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଭିନ୍ନକ୍ଷମ ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

ଡେରାବିଶ,୩୦।୭(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ସଦର ଥାନା ଅଞ୍ଚଳରେ ଜଣେ ଭିନ୍ନକ୍ଷମ ଯୁବତୀଙ୍କୁ ବଳାତ୍କାର ହୋଇଥିବା ନେଇ ମଙ୍ଗଳବାର ରାତି ୯ଟାରେ ପୀଡିତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଜଣେ ଯୁବକ ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏହାପରେ ଯୁବକ ତାଙ୍କୁ ଧରାଛୁଆଁ ଦେଇ ନ ଥିବା ବେଳେ ଯୁବତୀ ଓ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ କେନ୍ଦ୍ରାପଡ଼ା ସଦର ଥାନାରେ ନଂ. ୪୧୯/୨୪ରେ ମାମଲା ରୁଜୁ ହୋଇଥିବା ବେଳେ ଅଧିକ ତଦନ୍ତ ଜାରି ରହିଥିବା ଆଇଆଇସି ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି।

# ୧୬ ଶହ ଲିଟର ପେଟ୍ରୋଲ, ଡିଜେଲ ଜବତ

**ଗାଡ଼ି ଜବତ, ଚୋରା ବ୍ୟବସାୟୀଙ୍କୁ କୋର୍ଟ ଚାଲାଣ**

ଡେରାବିଶ,୩୦।୭ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ଥାନା ପୋଲିସ ଜାତୀୟ ରାଜପଥରେ ରବିବାର ରାତିରେ ପାଟ୍ରୋଲିଂ କରୁଥିବା ବେଳେ ପିକ୍‌ଅପ ଭ୍ୟାନରେ ଚୋରା ଚାଲାଣ ହେଉଥିବା ୧୬ ଶହ ଲିଟର ପେଟ୍ରୋଲ ଓ ଡିଜେଲକୁ ଜବତ କରିଛି। ଏଥିସହ ତେଲ ଚୋରା ଚାଲାଣକାରୀ ବ୍ୟବସାୟୀଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି।

ପୋଲିସ ସୂଚନା ମୁତାବକ, ବିଳମ୍ବିତ ରାତିରେ ଡେରାବିଶ ପୋଲିସ ୫୩ ନଂ.(କ) ଜାତୀୟ ରାଜପଥର ପଞ୍ଚୁପାଣ୍ଡବ ଛକରେ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ପାଲ ବନ୍ଧା ହୋଇଥିବା ନଂ. ଓଡି ୨୯ ଏ ୯୩୯୦ ପିକ୍‌ଅପ ଭ୍ୟାନ ଚଣ୍ଡିଖୋଲ ପଟରୁ କେନ୍ଦ୍ରାପଡ଼ା ଆଡକୁ ଦ୍ରୁତଗତିରେ ଯିବାକୁ ଚେଷ୍ଟା କରିଥିଲା। ହେଲେ ପୋଲିସ ଉକ୍ତ ଗାଡିକୁ ଅଟକାଇ ଏହାକୁ ଯାଞ୍ଚ କରିବାରୁ ଏଥିରେ ଥିବା ପ୍ଲାଷ୍ଟିକ ବ୍ୟାରେଲରେ ପେଟ୍ରୋଲ ଓ ଡିଜେଲ ରହିଥିବା ଜାଣିବାକୁ



ପାଇଥିଲା। ଏ ବାବଦରେ ତଦନ୍ତ କରିବାରୁ ଏହି ଗାଡିଟି ଚୋରାରେ ୮ ଶହ ଲିଟର ପେଟ୍ରୋଲ ଓ ୮ ଶହ ଲିଟର ଡିଜେଲ ନେଇ ପାଟକୁରା ଅଞ୍ଚଳକୁ ଯାଉଥିବା ଜାଣିବାକୁ ମିଳିଥିଲା। ଏହା ଜାଣି ପୋଲିସ ଗାଡିରେ ଥିବା ଚୋରା ଚାଲାଣକାରୀ ପାଟକୁରା ଥାନା ଅଧୀନ ଶାସନୀପଡ଼ା ଗ୍ରାମର ଜ୍ଞାନରଞ୍ଜନ ନାୟକଙ୍କୁ ଗିରଫ କରିବା ସହିତ ଗାଡିକୁ ଜବତ କରିଥିଲା। ଏ ନେଇ ଥାନାରେ ନଂ. ୧୦୩/୨୪ରେ ମାମଲା ରୁଜୁ ହୋଇଛି। ତେଲ ଚୋରାଚାଲାଣ କରୁଥିବା ଜ୍ଞାନରଞ୍ଜନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଥାନା ଅଧିକାରୀ କିଶୋର ତରାଇ ସୂଚନା ଦେଇଛନ୍ତି।

# ଜମିରେ ସାପ କାମୁଡ଼ାରେ ଚାଷୀଙ୍କ ମୃତ୍ୟୁ

ମହାକାଳପଡ଼ା, ୩୦।୭(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ମାର୍ଶାଘାଇ ଥାନା ଅଧୀନ ସ୍ଥାନୀୟ ଘନଶ୍ୟାମପୁର ଗ୍ରାମର ଜଣେ ଚାଷୀ ଜମିରେ ଚାଷ କାର୍ଯ୍ୟ କରୁଥିବାବେଳେ ବିଷଧର ସାପ କାମୁଡି ଦେବାରୁ ମୃତ୍ୟୁ ଘଟିଛି। ସେ ହେଲେ ଲକ୍ଷ୍ମୀଧର ସ୍ୱାଇଁ (୫୫)। ସୋମବାର ଅପରାହ୍ନରେ ନିଜ ଚାଷ ଜମିରେ ବେଉଷଣ କାମ କରିବା ସମୟରେ ପାଣି ଭିତରେ ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା। ହେଲେ କିଛି ସମୟ ପରେ ଗୋଡ଼ରେ ରକ୍ତ ବାହାରିବାରୁ ଲକ୍ଷ୍ମୀଧର ଜାଣିପାରି ସଙ୍ଗେ ସଙ୍ଗେ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ଡାକ୍ତର ରାତି ୮ଟାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ମଙ୍ଗଳବାର ପରିବାର ପକ୍ଷରୁ ମାର୍ଶାଘାଇ ଥାନାରେ ଅଭିଯୋଗ କରାଯାଇଛି। ଅପରାହ୍ନରେ ଗ୍ରାମ ଶ୍ମଶାନରେ ସଂସ୍କାର କରାଯାଇଛି। ଏହି କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ନିୟମ ଅନୁସାରେ ଆର୍ଥିକ ସହାୟତା ପ୍ରଦାନ କରାଯିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଲକ୍ଷ୍ମୀଧରଙ୍କ ମୃତ୍ୟୁ ଖବରକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ନାବାଳିକାଙ୍କୁ ଗର୍ଭବତୀ ମାମଲାରେ ୨ ଗିରଫ

ଡେରାବିଶ, ୩୦।୭ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା ପୋଲିସ ଜଣେ ନାବାଳିକାଙ୍କୁ ଗର୍ଭବତୀ ମାମଲାରେ ମଙ୍ଗଳବାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି ମାମଲା (୧/ ୨୦୨୪)ରେ ୨ ଜଣଙ୍କୁ ଅଭିଯୁକ୍ତ ଦର୍ଶାଇ କୋର୍ଟ ଚାଲାଣ କରିଛି। ଗିରଫ ବ୍ୟକ୍ତିମାନେ ହେଉଛନ୍ତି କୋରୋ ଗ୍ରାମର ରାକେଶ ମଲ୍ଲିକ ଓ ନିକିରାଇ ଗ୍ରାମର ସାନ୍ତନୁ ଜେନା। ସୂଚନା ଅନୁଯାୟୀ, ପୀଡିତା ନାବାଳିକା ମଉସାଙ୍କ ନିକଟରେ ରହୁଥିଲେ। ତେବେ ମଉସାଙ୍କ ଅନୁପସ୍ଥିତିରେ ଏହି ୨ ଜଣ ପୀଡ଼ିତାଙ୍କ ସହ ଜୋର ଜବରଦସ୍ତ ସମ୍ପର୍କ ରଖିଥିବା ଥାନାରେ ଅଭିଯୋଗ ହୋଇଛି।

# ଏମ୍‌ଏନ୍ ହାଇସ୍କୁଲରେ ଶିକ୍ଷା ସପ୍ତାହ ପାଳିତ

ପଟ୍ଟାମୁଣ୍ଡାଇ,୩୦।୭ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ଥିବା ସର୍ବ ପୁରାତନ ବିଦ୍ୟାଳୟ ଏମ୍‌ଏନ୍ ହାଇସ୍କୁଲଠାରେ ଶିକ୍ଷା ସପ୍ତାହ ସୋମବାର ଶେଷ ହୋଇଛି। ପ୍ରଥମ ଦିନରେ ଛାତ୍ରୀଛାତ୍ର ବିଷୟ ଭିତ୍ତିକ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରି ପ୍ରଦର୍ଶନ କରିଥିଲେ। ୨ୟ ଦିନ ଏଫଏଲ୍‌ଏନ୍ ଦିବସ, ଛାତ୍ରୀଛାତ୍ରଙ୍କ ଗଳ୍ପ, ଗୀତ ଲେଖିଥିଲେ। ୩ୟ ଦିନରେ ଖେଳକୁଦ ଓ ସ୍ୱାସ୍ଥ୍ୟ ରକ୍ଷା ଆଧାରିତ କାର୍ଯ୍ୟକ୍ରମ, ୪ର୍ଥ ଦିନରେ ଦେଶପ୍ରେମ ଆଧାରିତ ନୃତ୍ୟ ପ୍ରତିଯୋଗିତା, ୫ମ ଦିନରେ ଦକ୍ଷତା ଦିବସ ରୂପରେ ପାଳନ କରାଯାଇ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଘରକରଣା କାର୍ଯ୍ୟ ଓ ବୈଷୟିକ ଶିକ୍ଷା ପାଇଁ ସଚେତନ କରାଯାଇଥିଲା। ୬ଷ୍ଠ ଦିନରେ ଇକୋ କ୍ଲବ୍ ଓ ପୋଷଣ ଦିବସର ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ଶେଷ ଦିନରେ ସମ୍ପ୍ରଦାୟର ଯୋଗଦାନ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସସ୍ମିତା ସିଂହ ସଭାପତିତ୍ୱ କରିଥିବାବେଳେ ଶିକ୍ଷକ ଅଶୋକ ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ପୁରାତନ ଛାତ୍ର ସଂସଦ ଉପସଭାପତି ସଚ୍ଚିଦାନନ୍ଦ ଦାସ, ମୁଖ୍ୟବକ୍ତା ଭାବେ ଆଲମନି କମିଟି ସଭାପତି ପ୍ରଫେସର ଦୁର୍ଯ୍ୟୋଧନ ପରିଡା, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତପନ ଦାଶ, ଇତିଶ୍ରୀ ଦାଶ, ଗୋପୀନାଥ ତ୍ରିପାଠୀ, ରମେଶ ଦେ, ସଞ୍ଜୟ ବର୍ମା ପ୍ରମୁଖ ଯୋଗଦେଇଥିଲେ। ସପ୍ତାହବ୍ୟାପୀ ବିଭିନ୍ନ ପ୍ରତିଯୋଗିତାରେ ସଫଳ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ସରୋଜ ସ୍ୱାଇଁ, ଶିକ୍ଷକ ଶଶାଙ୍କ ସାହୁ, ତାପସ ବେହେରା, ଅନିଲ ଦାସ, ଶିକ୍ଷୟିତ୍ରୀ ଅନିତା ଧଳ ସମେତ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକ ଓ ପରିଚଳନା କମିଟିର ସଦସ୍ୟଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମକୁ ପରିଚାଳିତ କରାଯାଇଥିଲା। ଶେଷରେ ଶିକ୍ଷୟିତ୍ରୀ ଅନିତା ଧଳ ଧନ୍ୟବାଦ ଦେଇଥିଲେ।


କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପରସ୍କୃତ କରୁଛନ୍ତି।

# ନାବାଳକ ଗାଡ଼ି ଚଳାଇଲେ ରଦ୍ଦ ହେବ ରେଜିଷ୍ଟ୍ରେଶନ

କଟକ,୩୦।୭ (କାର୍ତ୍ତିକ ସାହୁ)

**ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ କଡ଼ା କଟକଣା**

■ ୨ ଦିନରେ ୩୩୪ ମାମଲା, ୮୩.୫ ଲକ୍ଷ ଜରିମାନା
■ ଭୁବନେଶ୍ୱର-୧ରେ ସର୍ବାଧିକ ୨୩, ଜଗତ୍‌ସିଂହପୁରରେ ସର୍ବନିମ୍ନ ୧

ରାଜ୍ୟ ପରିବହନ କର୍ତ୍ତୃପକ୍ଷ(ଏସ୍‌ଟିଏ) ପକ୍ଷରୁ ସୋମବାରଠାରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଧରପଗଡ଼ ଅଭିଯାନରେ ବିଶେଷ ସଫଳତା ମିଳିଛି। ନାବାଳକ ଚାଳକଙ୍କୁ ଗାଡ଼ି ଚାଳନାରୁ ନିବୃତ୍ତ କରିବା ପାଇଁ ଏସ୍‌ଟିଏ ଏମ୍‌ଭି ଆକ୍ଟ ୧୯୯(କ) ଧାରାକୁ ପାଳନ କରିବା ନିମନ୍ତେ କଡ଼ା କଟକଣା ଜାରି କରିଛି। ରାଜ୍ୟରେ ୩୫ଟି ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ) ଏବଂ ୩ଟି ଅତିରିକ୍ତ ପରିବହନ ଅଧିକାରୀ (ଏଆର୍‌ଟିଓ)ଙ୍କ ପକ୍ଷରୁ ଧରପଗଡ଼ ଅଭିଯାନ କରାଯାଇଛି। ପ୍ରଥମ ଦିନରେ ୧୫୪ ଓ ଦ୍ୱିତୀୟ ଦିନରେ ୧୮୦ ମିଶି ମୋଟ୍ ୩୩୪ଟି ମାମଲାରେ ଚାଲାଣ କଟାଯାଇଛି। ସେହିପରି ପ୍ରଥମ ଦିନରେ ୬୦ ଓ ଦ୍ୱିତୀୟ ଦିନରେ ୭୮ ମିଶି ମୋଟ୍ ୧୩୮ ଗାଡ଼ି ଜବତ ହୋଇଛି। ହେଲେ ୧୯୬ଟି ମାମଲାରେ କେବଳ ଚାଲାଣ କଟାଯାଇଥିବାବେଳେ କୌଣସି ଗାଡ଼ି ଜବତ ହୋଇପାରିନାହିଁ। ୨ ଦିନ ବ୍ୟାପୀ ରୁଜୁ ୩୩୪ ମାମଲାରେ ୮୩ ଲକ୍ଷ ୫୦ ହଜାର ଟଙ୍କା ଜରିମାନା ପାଇଁ ଚାଲାଣ କଟାଯାଇଛି।

ଏସ୍‌ଟିଏ କାର୍ଯ୍ୟାଳୟରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଟିଏର ଆଡିଶନାଲ କମିଶନର ଲାଲମୋହନ ସେଠୀଙ୍କ ସୂଚନା ଅନୁସାରେ, ୧୬ ବର୍ଷରୁ କମ୍ ନାବାଳକ ଗାଡ଼ି ଚଳାଇଲେ ପ୍ରଥମେ ଗାଡ଼ି ଜବତ ହୋଇ ମାମଲା ରୁଜୁ ହେବ। ଗାଡ଼ିର ରେଜିଷ୍ଟ୍ରେଶନ ରଦ୍ଦ କରାଯିବ। ରାସ୍ତାରେ ଲାଗିଥିବା କ୍ୟାମେରାରେ ଧରାପଡ଼ିଲେ ବି କାର୍ଯ୍ୟାନୁଷ୍ଠାନ ହେବ।

ସେହିପରି ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ ନିକଟରୁ ମଙ୍ଗଳବାର ମିଳିଥିବା ୨ ଦିନର ତଥ୍ୟ ଅନୁସାରେ, ଚାଲାଣ କଟାଯାଇଥିବା ମାମଲା ସଂଖ୍ୟା ବଡ଼ବିଲ୍‌ରେ ୩, ଦେବଗଡ଼ ୪, ଅନୁଗୋଳ ୧୩, ଢେଙ୍କାନାଳ ୧୧, କେନ୍ଦୁଝର ୯, ତାଳଚେର ୬, ରାଉରକେଲା ୧୭, ସୋନପୁର ୮, ବଲାଙ୍ଗୀର ୧୨, ଝାରସୁଗୁଡ଼ା ୭, ବରଗଡ଼ ୫, ସମ୍ବଲପୁର ୯, ସୁନ୍ଦରଗଡ଼ ୪, ଭୁବନେଶ୍ୱର(୧) ୨୩, ନୟାଗଡ଼ ୧୩, ପୁରୀ ୩, କଟକ ୨୭, କେନ୍ଦ୍ରାପଡ଼ା ୩, ଭୁବନେଶ୍ୱର(୨) ୧୩, ଏଆର୍‌ଟିଓ ଖୋର୍ଦ୍ଧା ୬, ଜଗତ୍‌ସିଂହପୁର ୧, ଫୁଲବାଣୀ ୪, ଭଞ୍ଜନଗର ୫, ଗଞ୍ଜାମ ୧୪, ଗଜପତି ୪, ବୌଦ୍ଧ ୩, ଯାଜପୁର ୫, ଚଣ୍ଡିଖୋଲ ୯, ଏଆର୍‌ଟିଓ ରାଇରଙ୍ଗପୁର ୮, ବାଲେଶ୍ୱର ୧୦, ଭଦ୍ରକ ୩, ମୟୂରଭଞ୍ଜ ୬, ନୂଆପଡ଼ା ୫, କଳାହାଣ୍ଡି ୨୨, ରାୟଗଡ଼ା ୧୩, ମାଲକାନଗିରି ୨, ନବରଙ୍ଗପୁର ୧୦ ଓ କୋରାପୁଟ ୧୪ ମିଶି ମୋଟ୍ ୩୩୪ ହୋଇଛି। ଅପରପକ୍ଷରେ ଜବତ ହୋଇଥିବା ଗାଡ଼ି ସଂଖ୍ୟା ବଡ଼ବିଲ ୧, ଅନୁଗୋଳ ୯, ଢେଙ୍କାନାଳ ୨, ତାଳଚେର ୬, ରାଉରକେଲା ୧୭, ସୋନପୁର ୮, ବଲାଙ୍ଗୀର ୧୨, ସୁନ୍ଦରଗଡ଼ ୪, ଭୁବନେଶ୍ୱର(୧) ୪, ନୟାଗଡ଼ ୨, କଟକ ୧, ଏଆର୍‌ଟିଓ ଖୋର୍ଦ୍ଧା ୩, ଫୁଲବାଣୀ ୪, ଗଞ୍ଜାମ ୨, ଗଜପତି ୨, ବୌଦ୍ଧ ୧, ଚଣ୍ଡିଖୋଲ ୯, ଏଆର୍‌ଟିଓ ରାଇରଙ୍ଗପୁର ୨, ବାଲେଶ୍ୱର ୮, ଭଦ୍ରକ ୩, ମୟୂରଭଞ୍ଜ ୬, ନୂଆପଡ଼ା ୫, କଳାହାଣ୍ଡି ୯, ରାୟଗଡ଼ା ୧୩, ନବରଙ୍ଗପୁର ୧ ଓ କୋରାପୁଟ ୪ ମିଶି ମୋଟ୍ ୧୩୮ ହୋଇଛି। ସର୍ବାଧିକ ମାମଲା ସଂଖ୍ୟା ଭୁବନେଶ୍ୱର-୧ରେ ୨୩ ହୋଇଥିବାବେଳେ ଜଗତ୍‌ସିଂହପୁରରେ ସର୍ବନିମ୍ନ ୧ ରହିଛି। ତେବେ ୨ ଦିନ ବ୍ୟାପୀ ଧରପଗଡ଼ରେ ଦେବଗଡ଼, କେନ୍ଦୁଝର, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ପୁରୀ, କେନ୍ଦ୍ରାପଡ଼ା, ଭୁବନେଶ୍ୱର(୨), ଜଗତ୍‌ସିଂହପୁର, ଭଞ୍ଜନଗର, ଯାଜପୁର, ମାଲକାନଗିରି ଆର୍‌ଟିଓ କାର୍ଯ୍ୟାଳୟ ଅଧୀନରେ କୌଣସି ଗାଡ଼ି ଜବତ ହୋଇ ନ ଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଏମ୍‌ଭି ଆକ୍ଟ ୧୯୯(କ) ଧାରା ଅନୁଯାୟୀ ନାବାଳକମାନେ ଗାଡ଼ି ଚଳାଉଥିବା ଧରାପଡ଼ିଲେ ସେମାନଙ୍କ ମା'ବାପା ଜେଲ୍ ଯିବେ। ଗାଡ଼ି ଦେଇଥିବା ମା'ବାପାଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ଓ ୨୫ ହଜାର ଟଙ୍କା ଜରିମାନା ଦଣ୍ଡବିଧାନର ବ୍ୟବସ୍ଥା ରହିଛି। ଏଥିସହ ସମ୍ପୃକ୍ତ ନାବାଳକଙ୍କୁ ୨୫ ବର୍ଷ ନ ହେବା ପର୍ଯ୍ୟନ୍ତ କୌଣସି ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ କରାଯିବନାହିଁ।

## ସଂକ୍ଷେପରେ

### ବର୍ଷାରେ ପଥର କାନ୍ଥ ଭୁଶୁଡ଼ିଲା ଅଳ୍ପକେ ବର୍ତ୍ତିଲେ ବୃଦ୍ଧା

ଓଡ଼ଗାଁ,୩୦।୭(ଆଦର୍ଶ କୁମାର ପଟ୍ଟନାୟକ ): ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ପନ୍ତୀଖାରି ଗ୍ରାମପଞ୍ଚାୟତ ପନ୍ତୀଖାରି ଗାଁରେ ସୋମବାର ବିଳମ୍ବିତ ରାତିରେ ଘରର ପଥରକାନ୍ଥ ଭୁଶୁଡି ପଡିବାରୁ ଜଣେ ବୃଦ୍ଧା ଅଳ୍ପକେ ବର୍ତ୍ତି କରାଯାଇଛି । ରାତିରେ ଖାଇ ସାରିବା ପରେ ବୃଦ୍ଧା ଛବିଲତା ନାହାକ ଘରେ ଶୋଇଥିଲେ । ପ୍ରବଳ ବର୍ଷା ଯୋଗୁ କାନ୍ଥ ଭୁଶୁଡ଼ିବା ଶବ୍ଦରେ ଉଠିପଡ଼ି ଥିଲେ । ହେଲେ କାନ୍ଥଟି ଜମିପଟକୁ ପଡ଼ିଥିବାରୁ ସେ ରକ୍ଷା ପାଇ ଯାଇଥିଲେ । ଅନୁସୁଚିତ ଜାତିର ଛବିଲତା ନାହାକ ଭତ୍ତା ଏବଂ ରାଶନ ଚାଉଳ ଉପରେ ଭରସା କରି ଚଳନ୍ତି । ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି ।

### ମୃତକଙ୍କ ସମ୍ପର୍କୀୟଙ୍କୁ ମିଳିଲା ଆର୍ଥିକ ସହାୟତା

ଓଡ଼ଗାଁ,୩୦।୭(ଆଦର୍ଶ କୁମାର ପଟ୍ଟନାୟକ ): ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ପନ୍ତୀଖାରି ପଞ୍ଚାୟତ ପନ୍ତୀଖାରି ଶାସନ ଗ୍ରାମର ପାଣିରେ ବୁଡି ପ୍ରାଣ ହରାଇଥିବା ବୃଦ୍ଧାଙ୍କ ପରିବାରକୁ ଶୁଦ୍ଧିକ୍ରିୟା ନିମନ୍ତେ ଗାଁର ନୀଳକଣ୍ଠେଶ୍ୱର କ୍ଲବ୍ ଏବଂ ଗ୍ରାମବାସୀଙ୍କ ତରଫରୁ ୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଗତ ୨୨ ତାରିଖରେ ବୃଦ୍ଧା ଜଣଙ୍କ ପ୍ରାଣ ହରାଇଥିବା ବେଳେ ୧ ବର୍ଷ ପୂର୍ବେ ତାଙ୍କର ଏକମାତ୍ର ପୁଅଙ୍କ ପରଲୋକ ଘଟିଥିଲା ।

### ଗ୍ୟାସ୍ ସିଲିଣ୍ଡର ଲିକ୍ ଯୋଗୁ ଅଗ୍ନିକାଣ୍ଡ, ଅଳ୍ପକେ ବର୍ତ୍ତିଲେ ଅଙ୍ଗନୱାଡି ଶିଶୁ

ଦଶପଲ୍ଲା,୩୦।୭(ପ୍ରକାଶ କୁମାର ପାଣି): ମଙ୍ଗଳବାର ସକାଳ ପ୍ରାୟ ୯ଟା ସମୟରେ ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଟାକରା ଗ୍ରାମପଞ୍ଚାୟତ ଅଧୀନ ତିଳାବାଡି ଅଙ୍ଗନୱାଡି କେନ୍ଦ୍ରରେ ଅଗ୍ନିକାଣ୍ଡ ଘଟିଥିଲା । ପାଚିକା ରୋଷେଇ କରିବା ପାଇଁ ଗ୍ୟାସ୍ ସିଲିଣ୍ଡର ଅନ୍ କରିବା ସମୟରେ ରୋଷେଇ ଘରେ ନିଆଁ ଲାଗି ଯାଇଥିଲା । ନିଆଁର ପ୍ରକୋପ ଏତେ ପ୍ରଖର ଥିଲା ଯେ, ରୋଷେଇ ଘରୁ କ୍ଲାସ୍‌ରୁମ ପର୍ଯ୍ୟନ୍ତ ନିଆଁ କ୍ଷଣକ ମଧ୍ୟରେ ବ୍ୟାପିଯାଇଥିଲା । ଅଙ୍ଗନୱାଡି କର୍ମୀ ସବିତା ନାୟକ ଓ ପାଚିକା ରୀତା ବେହେରା ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି ଶିଶୁମାନଙ୍କୁ ଶ୍ରେଣୀ ଗୃହରୁ ଖୋଲା ପଡ଼ିଆକୁ ନେଇଆସିଥିଲେ। ଗ୍ରାମବାସୀ ଅଙ୍ଗନୱାଡି କେନ୍ଦ୍ରରେ ପହଞ୍ଚି ନିଆଁକୁ ଆୟତ କରିଥିଲେ ।

### ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

ଗଞ୍ଜାମ,୩୦।୭ (ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ମା' ରାମଚଣ୍ଡୀ ଶକ୍ତିପୀଠଠାରେ ଗଞ୍ଜାମ ସହର ଭାରତୀ ବିଦ୍ୟାପୀଠ ୧୯୮୮ ମସିହା ମାଟ୍ରିକ ବ୍ୟାଚର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିଜ ବ୍ୟାଚର ଯଦି କୌଣସି ବନ୍ଧୁ ସମୟାନୁକ୍ରମେ ଦୁଃଖ ଦୁର୍ଦ୍ଦିନରେ ପଡ଼ନ୍ତି ତେବେ ସମସ୍ତେ ଏକତ୍ରିତ ହୋଇ ତାଙ୍କୁ ସହାୟତାର ହାତ ବଢ଼ାଇବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏଥିସହିତ ଭାରତୀ ବିଦ୍ୟାପୀଠ ଶିକ୍ଷାନୁଷ୍ଠାନ ଉନ୍ନତୀକରଣ ପାଇଁ ଆଗାମୀ ବନ୍ଧୁମିଳନ ସମୟରେ ସହଯୋଗ କରିବା ପାଇଁ ଆଲୋଚନା ହୋଇଥିଲା । ରାଧା ରମଣ ପଣ୍ଡା, ସୁରେନ୍ଦ୍ର ନାହାକ, ଅଭିମନ୍ୟୁ ବେହେରା, ମନମୋହନ ମହାପାତ୍ର, ସୁଦାମ ପଲାଇ, ଯୁଗଳ କିଶୋର ପାଢ଼ୀ, ସାରଥୀ ମଣ୍ଡଳ, କିଶୋର ବେହେରା, ହରିହର ବିଶ୍ୱାଳ, ଦେବରାଜ ଦାଶ, ସୁଙ୍କୁଟା ବେହେରା, ଶଙ୍କର ବେହେରା, ପୀତାମ୍ବର ବେହେରା ପ୍ରମୁଖ ପ୍ରାକ୍ତନ ଛାତ୍ରମାନେ ଉପସ୍ଥିତ ଥିଲେ ।

# ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପ ପାଇପ୍ ସହରରେ ଯିବାକୁ ବିରୋଧ

ନୟାଗଡ଼,୩୦।୭(ଲୋକନାଥ ମିଶ୍ର): ନୟାଗଡ଼ ସହରରେ ବୃହତ୍ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ପାଇପ୍ ନ ନେଇ ବାଇପାସ୍ ଦେଇ ଯିବାକୁ ଦାବି କରି ମଙ୍ଗଳବାର ଜିଲାପାଳଙ୍କୁ ଏକ ସ୍ମାରକପତ୍ର ନୟାଗଡ଼ ମୁନିସିପାଲିଟି ପକ୍ଷରୁ ପ୍ରଦାନ କରାଯାଇଛି। ସହର ମଧ୍ୟଦେଇ ପାଇପ୍ ଗଲେ ଅନେକ ଅସୁବିଧା ସୃଷ୍ଟି ହେବା ସହ ନୟାଗଡ଼ ସହରର ସୌନ୍ଦର୍ଯ୍ୟ ନଷ୍ଟ ହେବାର ସମ୍ଭାବନା ରହିଛି ବୋଲି ଅଭିଯୋଗ କରାଯାଇଛି।

ବୃହତ୍ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ପାଇପ୍ ସହର ମଧ୍ୟ ଦେଇ ଗଲେ ଡ୍ରେନଗୁଡିକ ଅବରୋଧ ହୋଇ ନର୍ଦ୍ଦମା ଜଳ ନିଷ୍କାସନ ହୋଇପାରିବ ନାହିଁ । ବିଭିନ୍ନ ସ୍ଥାନରେ କଲ୍‌ଭଟଗୁଡ଼ିକ ଅବରୋଧ ହୋଇଯିବା ସହିତ ଜଳ ନିଷ୍କାସନ ନ ହୋଇ ଆବର୍ଜନା ଜମି ରହିବ। ବିଦ୍ୟୁତ୍ ଖୁଣ୍ଟ ଉଠାଇବାରେ ବାଧାପ୍ରାପ୍ତ ହେବ । ସହରାଞ୍ଚଳରେ ବିଛା ଯାଇଥିବା ପାନୀୟ ଜଳ ପାଇପ୍‌ଗୁଡିକ ନଷ୍ଟ ହୋଇଯିବ । ପିଏଚ୍‌ଡି ବିଭାଗ ଦ୍ୱାରା ପାଇପ୍ ଲାଇନ ଜରିଆରେ ପାନୀୟ ଜଳ ଯୋଗାଣରେ ବାଧା ସୃଷ୍ଟି ହେବ । ସହରାଞ୍ଚଳ ରାସ୍ତାର



### ଜିଲାପାଳଙ୍କୁ ଫେରାଦ ହେଲେ କାଉନସିଲର

ପେଭର ବ୍ଲକ ଓ ମାଟି ତଳେ ଯାଇଥିବା ଟେଲିଫୋନ କେବୁଲଗୁଡିକ ନଷ୍ଟ ହୋଇଯିବ । ମୁଖ୍ୟ ରାସ୍ତାରୁ ପ୍ରତ୍ୟେକ ୱାର୍ଡର ଗଳିରାସ୍ତାକୁ ଯାଇଥିବା ପାନୀୟ ଜଳ ପାଇପଗୁଡିକ ନଷ୍ଟ ହୋଇଯିବ । ନୂତନ ଭାବେ ନିର୍ମିତ ମୁଖ୍ୟ ରାସ୍ତାଗୁଡିକ ପୁଣି ନଷ୍ଟ ହେବ । ସହର ମଧ୍ୟ ଦେଇ ପାଇପ ଲାଇନ ଯିବା ଦ୍ୱାରା ଛକ ଜାଗାରେ ଜଏଣ୍ଟ ପାଇପ୍ ଲିକେଜ ହୋଇ କୃତିମ ବନ୍ୟା ପରିସ୍ଥିତି ସୃଷ୍ଟି କରିବ। ନୟାଗଡ଼ ସହରର ମୁଖ୍ୟ ରାସ୍ତା ଅଣ ଓସାରିଆ ହୋଇଥିବାରୁ ପାଇପ ଲାଇନ ପକାଇବା ଦ୍ୱାରା ସବୁବେଳେ ପାଇଁ ଟ୍ରାଫିକ ସମସ୍ୟା ସୃଷ୍ଟି ହେବ । ଏହାର ସମାଧାନ ପାଇଁ ଉକ୍ତ ପାଇପ୍ ଲାଇନକୁ ଲକ୍ଷ୍ମୀପ୍ରସାଦ ଗ୍ରାମ ପଞ୍ଚାୟତର ବୋଦାପ ଗ୍ରାମଠାରୁ ଗତି ପରିବର୍ତ୍ତନ କରି ସହର ବାହାର ଦେଇ ଏନ୍‌ଏଚ୍ ବାଇପାସ୍ ପାର୍ଶ୍ୱରେ ନିଆଗଲେ କୌଣସି ଅସୁବିଧା ସୃଷ୍ଟି ହେବ ନାହିଁ ବୋଲି ନୟାଗଡ଼ ମୁନିସିପାଲିଟିର ଚେୟାରମ୍ୟାନ, ଭାଇସ୍ ଚେୟାରମ୍ୟାନଙ୍କ ସମେତ କାଉନସିଲରଙ୍କ ପକ୍ଷରୁ ଦାବି କରାଯାଇଛି ।

ସୂଚନାଯୋଗ୍ୟ, ନୟାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ବୈଠକରେ ଜିଲାପାଳ ଏନେଇ ସମୀକ୍ଷା କରି ବାଇପାସରେ ବୃହତ୍ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ପାଇପ୍ ନେବା ପାଇଁ ପରାମର୍ଶ ଦେଇଥିଲେ। ଏପରି କି ସହର ମଧ୍ୟଦେଇ ପାଇପ୍ ଲାଇନ ଗଲେ ଅଧିକ ବ୍ୟୟ ସାପେକ୍ଷ ହେବ ବୋଲି ଉଦାହରଣ ଦେଇ ବୁଝାଇଥିଲେ। ତେବେ ଆରଡବ୍ଲ୍ୟୁଏସ୍ଏସ୍ ବିଭାଗ କେଉଁ କାରଣ ପାଇଁ ସହର ମଧ୍ୟଦେଇ ପାଇପ୍‌ଲାଇନ ନେବାକୁ ଗୁରୁତ୍ୱ ଦେଉଛି ସ୍ପଷ୍ଟ ହୋଇନାହିଁ।

# ଓଡ଼ିଶୀ ସଙ୍ଗୀତ ଉତ୍ସବ ଋଷିକୁଲ୍ୟା ସନ୍ଧ୍ୟା

ଛତ୍ରପୁର, ୩୦।୭(ସନ୍ତୋଷ ପାଢ଼ୀ)

ଅଗ୍ରଣୀ ଶାସ୍ତ୍ରୀୟ ସଙ୍ଗୀତ ଅନୁଷ୍ଠାନ ଉତ୍କଳିକା ତରଫରୁ ଛତ୍ରପୁରସ୍ଥିତ ପୁରୁଣା ରିଡିଙ୍ଗ ରୁମଠାରେ ଓଡ଼ିଶୀ ସଙ୍ଗୀତ ଉତ୍ସବ 'ଋଷିକୁଲ୍ୟା ସନ୍ଧ୍ୟା' ମହାସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ବିଶିଷ୍ଟ ଦାସକାଠିଆ ଗୁରୁ ନବଘନ ମହାରଣା, ସମ୍ମାନିତ ଅତିଥି ରୂପେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ,ଓ ସଙ୍ଗୀତଜ୍ଞ ସୀମାଞ୍ଚଳ ଦାସ, ବିଶିଷ୍ଟ କଳାକାର ରାମେଶର ପଣ୍ଡା, କବି ପ୍ରଶାନ୍ତ କୁମାର ଶତପଥି ଯୋଗ ଦେଇଥିଲେ। ଏହି ଉତ୍ସବର ପ୍ରଥମ ପର୍ଯ୍ୟାୟରେ ଆଚାର୍ଯ୍ୟ ସୀମାଞ୍ଚଳ ଦାଶ ଓଡ଼ିଶୀ ସଙ୍ଗୀତ ଗାନ କରି ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ



ପୂର୍ବତନ ବିଧାୟକ ଉଦ୍‌ବୋଧନ ଦେଉଛନ୍ତି।

ସୁନିତା ତ୍ରିପାଠୀ ଓ କାମେଶ୍ୱର ବାଡ଼ତ୍ୟା, ଶ୍ରୀନିବାସ ପାଇକରାୟ, ତପନ ପଢ଼ିଆରୀ ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତ ପରିବେଷଣ କରିଥିଲେ। ମାଧବ ନନ୍ଦନ ସାହୁ ଏକକ ମର୍ଦ୍ଦଳ ବାଦନ ଏବଂ ରଞ୍ଜିତ ଦାସ ଏକକ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ଉତ୍କଳିକା ଅନୁଷ୍ଠାନର ମୁଖ୍ୟ ଶେଖର ସୁମନ ମାଝି କେନ୍ଦ୍ର ସରକାରଙ୍କଠାରେ ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟତା ମାନ୍ୟତା ପାଇଁ ଦାବି ଉପସ୍ଥାପନ କରିବା ସହିତ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଉତ୍ସବରେ ପୂର୍ଣ୍ଣଞ୍ଜୟ ଜେନା, ଅଙ୍କିତ କୁମାର ଦାଶ, ଅଙ୍କିତା କୁମାରୀ ଦାସ, ପ୍ରଶାନ୍ତ କୁମାର ପଟନାୟକ ସହଯୋଗ କରିଥିଲେ।

### ଅଟୋ- ବାଇକ୍ ଦୁର୍ଘଟଣାରେ ବୃଦ୍ଧା ମୃତ, ୩ ଗୁରୁତର

ରମ୍ଭା,୩୦।୭(ବନବାସୀ ସେଠୀ)

ରମ୍ଭା ଥାନା ଅଞ୍ଚଳରେ ମଙ୍ଗଳବାର ଏକ ଅଟୋ-ବାଇକ୍ ଦୁର୍ଘଟଣାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ କନ୍ଧୁଣି ବେହେରା। ବାଗଲପୁର ଗ୍ରାମର ଲଡୁ କିଶୋର ବେହେରାଙ୍କ ସ୍ତ୍ରୀ କନ୍ଧୁଣି ଓ ନିଜ ସମ୍ପର୍କୀୟ ସହ ମିଠା ପିଠା ଧରି ରବିବାର ନିକଟସ୍ଥ ବଳରାମପୁର ଗ୍ରାମର କୈଳାଶ ମୁଦୁଲିଙ୍କ ଅଟୋରେ ନିଜର ଆତ୍ମୀୟ ସ୍ୱଜନଙ୍କ ଘରକୁ ବାଗଲପୁରଠାରୁ ବିରୁଲିଗଡ଼ ଗ୍ରାମକୁ ଯାଉଥିଲେ। ବେପରୁଆ ଅଟୋ ଚାଳକ ସହ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ (ନଂ ଓଡ଼ି ୦୭ ଏ. ଭି ୫୧୦୫)ରେ ଜୟରାମ ଦାସ ଓ ମିଥୁନ ଦାସ ବସି ଆସୁଥିବା ବେଳେ ଭାରସାମ୍ୟ ହରାଇ ଅଟୋ ଘଟଣାସ୍ଥଳରେ ଓଲଟି ପଡ଼ିଥିଲା। ଫଳରେ କନ୍ଧୁଣିଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ୩ ଜଣ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଛତ୍ରପୁର ମେଡିକାଲକୁ ପଠାଯାଇଥିଲା। ଏହି ସମୟରେ ନାରାୟଣ ଦାସ ଚାଲି ଚାଲି ଆସୁଥିବା ବେଳେ ଦୁର୍ଘଟଣା ଦେଖି ବାଇକ୍‌ରେ ପଡିଯାଇ ଗୁରୁତର ଆହତ ହୋଇଥିଲେ। ଜୟରାମ, ମିଥୁନ ଓ ନାରାୟଣଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଯାଇଛି। ପରେ ଭୁବନେଶ୍ୱର ମେଡିକାଲ ସ୍ଥାନାନ୍ତର କରାଯାଇଛି।

# ବୁଗୁଡ଼ାରେ ଡେଙ୍ଗୁ ଆଶଙ୍କା, ଚିରିକିପଡ଼ାରେ ଜଣେ ଚିହ୍ନଟ

ବୁଗୁଡ଼ା,୩୦।୭(କାଳିଚରଣ ଦାଶ)

ବୁଗୁଡ଼ା ଅଞ୍ଚଳରେ ଝାଡ଼ାବାନ୍ତି ପରେ ଏବେ ଡେଙ୍ଗୁ ବ୍ୟାପିବା ଆଶଙ୍କା ଦେଖାଦେଇଛି। ସ୍ଥାନୀୟ ବ୍ଲକ ଗୋଳିଆ ପଞ୍ଚାୟତ ଅନ୍ତର୍ଗତ ଚିରିକିପଡ଼ା ଗ୍ରାମର ଭାଗ୍ୟଲତା ମହାନ୍ତି ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ୬ ଦିନ ହେଲା ଜ୍ୱର ହେବା ପରେ ସେ ବ୍ରହ୍ମପୁର ଯାଇ ପରୀକ୍ଷା ପରେ ଡେଙ୍ଗୁ ହୋଇଥିବା ଜଣାପଡ଼ିଥିଲା। ଗୋଳିଆ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଫିସର ମାହେଶ୍ୱରୀ ପ୍ରଧାନ ଗ୍ରାମରେ ପହଞ୍ଚି ତଦନ୍ତ କରିବା ସହ ଭାଗ୍ୟଲତାଙ୍କ ଝିଅ ଓ ତାଙ୍କ ପଡୋଶୀରେ ରହୁଥିବା ଭଜରାମ ପଲେଇ ଅସୁସ୍ଥତା ଅନୁଭବ କରୁଥିବାରୁ ଉଭୟଙ୍କୁ ବୁଧବାର ବୁଗୁଡ଼ା ମେଡିକାଲ ଆସି ଟେଷ୍ଟ କରିବାକୁ ପରାମର୍ଶ ଦେଇଥିଲେ। ତାଙ୍କ ସହ ଯାଇଥିବା କୁଶପଲ୍ଲୀ ଗ୍ରାମର ଆଶା କର୍ମୀ ଝୁନୁ ଗୌଡ, ଅଙ୍ଗନୱାଡି କର୍ମୀ ଶର୍ମିଷ୍ଠା ପଣ୍ଡା ଚିହ୍ନଟ ରୋଗୀଙ୍କ ସାହି ପଡୋଶୀରେ ରହୁଥିବା ପରିବାର ଲୋକଙ୍କୁ ଓଆରଏସ ଓ ବଟିକା ବଣ୍ଟନ କରିଥିଲେ। ଚିରିକିପଡ଼ା ଗ୍ରାମରେ ଦୀର୍ଘଦିନ ହେଲା ପାଇପ ଯୋଗେ ଜଳ ଯୋଗାଣ ବନ୍ଦ ରହିଛି। ଫଳରେ ଗ୍ରାମବାସୀ ଏକ ପଥର କୂଅ ଉପରେ ନିର୍ଭର କରୁଛନ୍ତି। ଫଳରେ ସେହି ଗ୍ରାମରେ ମଧ୍ୟ ଝାଡ଼ାବାନ୍ତି ବ୍ୟାପିବା ଆଶଙ୍କା ଦେଖା ଦେଇଛି। ଏଥିପ୍ରତି ସ୍ୱାସ୍ଥ୍ୟ ଓ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ତୁରନ୍ତ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।

### ଫ୍ୟାନରେ ଝୁଲି ଯୁବତୀଙ୍କ ଆତ୍ମହତ୍ୟା

ହିଞ୍ଜିଳିକାଟୁ, ୩୦।୭(ଦ୍ୱିତୀକୃଷ୍ଣ ପଣ୍ଡା): ହିଞ୍ଜିଳି ପୋଲିସ ମଙ୍ଗଳବାର ଝୁଲନ୍ତା ଅବସ୍ଥାରେ ଜଣେ ଯୁବତୀଙ୍କ ମୃତଦେହ ଜବତ କରିଛି। ସେ ହେଲେ ହିଞ୍ଜିଳିକାଟୁ ପୌରାଞ୍ଚଳ କଲେଜ ରୋଡ ଅଞ୍ଚଳର ଆଲିଶା ସାହୁ(୧୯)। ଅଲିଶା କୌଣସି କାରଣରୁ ଫ୍ୟାନ୍‌ରେ ଝୁଲି ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ଯୁବତୀଙ୍କୁ ମୃତ ଘୋଷଣା କରିଥିଲେ। ଏକ ନେଇ ଯୁବତୀଙ୍କ ବାପା ସ୍ୱରାଜ୍ୟ ସାହୁ ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ। ସ୍ଥାନୀୟ ପୋଲିସ ନଂ.୨୨/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ତଦନ୍ତ ଚଳାଇଛି।

# ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

ଛତ୍ରପୁର, ୩୦।୭ (ସନ୍ତୋଷ ପାଢ଼ୀ)

ଚଳିତ ବର୍ଷର ଜିଲାସ୍ତରୀୟ ୭୮ତମ ସ୍ୱାଧୀନତା ଦିବସ ଛତ୍ରପୁରସ୍ଥିତ ପୋଲିସ ପ୍ୟାରେଡ ପଡିଆଠାରେ ପାଳନ କରାଯିବ। ଏଥି ନିମନ୍ତେ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲାପାଳ ଦେବବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଏନଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଅତିରିକ୍ତ ଜିଲାପାଳ ସୁଧାଂଶୁ କୁମାର ଭୋଇଙ୍କ ଉପସ୍ଥିତିରେ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଜିଲାପାଳଙ୍କ ସଭାକକ୍ଷ ଗୃହରେ ଅନୁଷ୍ଠିତ ହୋଇଯାଇଛି । ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ସକାଳ ସାଢ଼େ ୭ଟାରେ ପତାକା ଉତ୍ତୋଳନ କରାଯିବ। ସକାଳ ୮ଟାରେ ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଜାତୀୟ ସଙ୍ଗୀତ ଗାନ ପୂର୍ବକ ଜାତୀୟ ପତାକା ଉତ୍ତୋଳନ କରି ଦେଶ ସ୍ୱାଧୀନତା ନିମନ୍ତେ ଉତ୍ସର୍ଗ କରିଥିବା ବୀର ପୁରୁଷ ମାନଙ୍କର ସ୍ମୃତି ଚାରଣ କରିବାକୁ କୁହାଯାଇଛି। ପୂର୍ବାହ୍ନ ୯ଟା ୧୫ମି.ରେ ଛତ୍ରପୁରସ୍ଥିତ ପୋଲିସ ପ୍ୟାରେଡ ପଡିଆ ଠାରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ ଓ ସମ୍ମିଳିତ ପ୍ୟାରେଡର ଅଭିବାଦନ ଗ୍ରହଣ କରିବେ। ଏହି ପ୍ୟାରେଡ ସକାଶେ ଆୟୋଜିତ ହେବାକୁ ଥିବା ଜାତୀୟ କାର୍ଯ୍ୟକ୍ରମ ସମ୍ପର୍କରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ସମସ୍ତ ଆନୁସଙ୍ଗୀକ ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଥିଲେ। ବୈଠକରେ ଛତ୍ରପୁର ଉପଜିଲାପାଳ ଦେବଦତ୍ତ ମହନ୍ତ, ସମସ୍ତ ଶିକ୍ଷାନୁଷ୍ଠାନର ମୁଖ୍ୟ, ବ୍ୟବସାୟିକ ପ୍ରତିଷ୍ଠାନ, ସରକାରୀ ଓ ବେସରକାରୀ ଅନୁଷ୍ଠାନର ମୁଖ୍ୟ, ବରିଷ୍ଠ ନାଗରିକଗଣ, ଗଣମାଧ୍ୟମ ପ୍ରତିନିଧି, ବିଭାଗୀୟ ଅଧିକାରୀଗଣ ପ୍ରମୁଖ ଯୋଗଦେଇଥିଲେ।

# ବିଦ୍ୟାଳୟ ପୁନଃଖୋଲିବା ଦାବିରେ ଧାରଣା ଜାରି

ଆସିକା,୩୦।୭(ସୁରେନ୍ଦ୍ର ନାଥ ସାହୁ )

ଆସିକା ବ୍ଲକର ଚିନିଶିଳ୍ପ ନୂଆଗାଁ ଗ୍ରାମରେ ରହିଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଚଳିତବର୍ଷ ବନ୍ଦ କରି ଅନ୍ୟ ସ୍କୁଲରେ ମିଶ୍ରଣ କରାଯାଇଛି। ଏହାର ପ୍ରତିବାଦରେ ସୋମବାରଠାରୁ ଉକ୍ତ ବିଦ୍ୟାଳୟରେ ଷଷ୍ଠ ଓ ସପ୍ତମ ଶ୍ରେଣୀରେ ନାମ ଲେଖାଇବାକୁ ଥିବା ୫୦ରୁ ଉର୍ଦ୍ଧ ଛାତ୍ରୀଛାତ୍ର ଓ ଅଭିଭାବକ ଆନ୍ଦୋଳନ ଜାରି ରଖିଛନ୍ତି। ସୋମବାରଠାରୁ ଆସିକା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଧାରଣା ମଙ୍ଗଳବାର ମଧ୍ୟ ଜାରି ରହିଛି। ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ପକ୍ଷରୁ ଷଷ୍ଠ ଓ ସପ୍ତମ ଶ୍ରେଣୀରେ ନାମ ଲେଖାଇଥିବା ପିଲାଙ୍କୁ ଦୁଇ କିଲୋମିଟର ଦୂର ଅନ୍ୟ ଏକ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସେଠାକୁ ଯିବାକୁ ହେଲେ ପିଲାଙ୍କୁ ରାଜ୍ୟ ରାଜପଥରେ ଚାଲି ଚାଲି ଯିବାକୁ ହେବ। ଅଭିଭାବକ ଏହାକୁ ଉଚିତ ମଣୁ ନଥିବା ବେଳେ ବନ୍ଦ ହୋଇଥିବା ପୁଣି ବିଦ୍ୟାଳୟ ଖୋଲିବା ଯାଏଁ ଆନ୍ଦୋଳନ ଜାରି ରହିବ ବୋଲି କହିଛନ୍ତି।

# ଆର୍ଥିକ ସାକ୍ଷରତା, ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଶିବିର



ବୈଠକରେ ଉପସ୍ଥିତ ଅଧିକାରୀ।

ଭଞ୍ଜନଗର,୩୦।୭ (ବାବୁଲା ପ୍ରଧାନ):

ଭଞ୍ଜନଗର ବ୍ଲକ ତୁରୁମୁରେ ମଙ୍ଗଳବାର ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୂକ୍ତିକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭଞ୍ଜନଗର ଡାକ ଅଧୀକ୍ଷକ ରବିନାରାୟଣ ବେହେରା, ଭଞ୍ଜନଗର, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଏସିଓ ଶବର, ଭଞ୍ଜନଗର ଆଇସିଡିଏସ ସୁପରଭାଇଜର ସରିତା ପାତ୍ର, ବ୍ରହ୍ମପୁର ଉପଖଣ୍ଡ ସ୍ୱଳ୍ପସଞ୍ଚୟ ଅଧିକାରୀ ସ୍ୱାଭିମାନ ସାହୁ, ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ପରିଚାଳକ କୃଷ୍ଣଚନ୍ଦ୍ର ନାୟକ ଓ ମେଲ ଓଭର୍ସିୟର ସୂର୍ଯ୍ୟନାରାୟଣ ସେଠୀ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା, ଚିଟଫଣ୍ଡ ସଂସ୍ଥାରୁ ସୁରକ୍ଷା ଓ ସୁରକ୍ଷିତ ସଞ୍ଚୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସଚେତନତା ବଢ଼ିଲେ ଲୋକେ ଚିଟଫଣ୍ଡ ଠକେଇରୁ ମୁକୁଳି ପାରିବେ ବୋଲି ବୈଠକରେ ଯୋଗଦେଇ ବକ୍ତାମାନେ କହିଥିଲେ। କାର୍ଯ୍ୟକ୍ରମକୁ ଭଞ୍ଜନଗର ଉପଖଣ୍ଡ ସ୍ୱଳ୍ପ ସଞ୍ଚୟ ଅଧିକାରୀ ଲୋପାମୁଦ୍ରା ପଣ୍ଡା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ, ଅଙ୍ଗନୱାଡି ସହାୟିକା ଓ ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତାମାନେ ଯୋଗ ଦେଇଥିଲେ।

### ଆଇକୋନିକ ଓଏଭି ପାଇଁ ଧରାକୋଟରୁ ୩ ମନୋନୀତ

ଧରାକୋଟ,୩୦।୭ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଭୁବନେଶ୍ୱରସ୍ଥିତ ଆଇକୋନିକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି)ରେ ପଢିବା ପାଇଁ ଧରାକୋଟ ବ୍ଲକର ଓଏଭିରୁ ୩ ଜଣ ମନୋନୀତ ହୋଇଛନ୍ତି। ସେମାନେ ହେଲେ ଆୟୁଷ ନନ୍ଦ, ଶିବ ଶଙ୍କର ଭୋଳ ଓ ସଞ୍ଚିତା ମହାନ୍ତି। ଗତ ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ଧରାକୋଟ ଓଏଭିର ୮ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ସେମାନେ ଆଇକୋନିକ ଓଏଭି ପାଇଁ ପ୍ରବେଶିକା ପରୀକ୍ଷା ଦେଇଥିବା ବେଳେ ଉପରୋକ୍ତ ୩ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଆଇକୋନିକ ଓଏଭିରେ ସେମାନଙ୍କ ପାଠପଢା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ।

# ସବୁଜ ରସାୟନ ପାଠଚକ୍ର



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ଆସିକା,୩୦।୭(ସୁରେନ୍ଦ୍ର ନାଥ ସାହୁ)

ଆସିକା ବିଜ୍ଞାନ ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ସୋମବାର ସବୁଜ ରସାୟନ ପାଠଚକ୍ର (ଗ୍ରୀନ କେମିଷ୍ଟ୍ରି) ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ଜିବାନନ୍ଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ରସାୟନ ବିଭାଗ ମୁଖ୍ୟ ଡ. ସନ୍ତୋଷ କୁମାର ଚୌଧୁରୀ ସଂଯୋଜନା କରିଥିଲେ। ବ୍ରହ୍ମପୁର ଶଶିଭୂଷଣ ରଥ ସ୍ୱୟଂ ଶାସିତ ମହିଳା ମହାବିଦ୍ୟାଳୟର ପ୍ରଫେସର ଡ. ସୁରଜ କୁମାର ପାଣିଗ୍ରାହୀ ସେମିନାର ରିସର୍ଚ୍ଚ ପର୍ସନ ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଗ୍ରୀନ କେମିଷ୍ଟ୍ରିର ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ । ଆଧୁନିକ ଯୁଗରେ ସବୁଜ ରସାୟନର ମହତ୍ତ୍ୱ ଏବଂ ଉପାଦେୟତା ଏବଂ ଏହାଦ୍ୱାରା ମନୁଷ୍ୟର ଦୈନନ୍ଦିନ ଜୀବନ କିପରି ଚଳଚଞ୍ଚଳ ହୋଇଥାଏ ଓ ପୃଥିବୀପୃଷ୍ଠରେ ଜୀବଜଗତ କିପରି ଜୀବନଧାରଣ କରିଛନ୍ତି ସେ ସମ୍ପର୍କରେ ଆଲୋଚନା ହେଇଥିଲା । ଏହାର ଅପପ୍ରୟୋଗରେ ଋତୁ ପରିବର୍ତ୍ତନରେ ଅନିୟମିତତା ଆଲୋଚନାରେ ସ୍ଥାନ ପାଇଥିଲା । ସବୁଜ ରସାୟନ ବିଜ୍ଞାନ ହେଉଛି ରାସାୟନିକ ଦ୍ରବ୍ୟ ଏବଂ ପ୍ରକ୍ରିୟାର ଡିଜାଇନ ଯାହା ବିପଦ୍ଜନକ ପଦାର୍ଥର ବ୍ୟବହାର କିମ୍ବା ଉତ୍ପାଦନକୁ ହ୍ରାସ କିମ୍ବା ବିଲୋପ କରିଥାଏ । ଯୁକ୍ତ ୩ ଶେଷ ବର୍ଷର ଛାତ୍ର ପବନ କୁମାର ପଟ୍ଟନାୟକ ଏବଂ ରୋହିତ କୁମାର ପରିଡା ଗ୍ରୀନ କେମିଷ୍ଟ୍ରିର ଉପାଦେୟତା ସମ୍ପର୍କରେ ସନ୍ଦର୍ଭ ଉପସ୍ଥାପନ କରିଥିଲେ । ପ୍ରଫେସର ଜନାର୍ଦ୍ଦନା ସାହୁ, ଅଧ୍ୟାପିକା ମାଧୁରୀ ହେମ୍ବ୍ରମ, ଅଧ୍ୟାପକ ଚନ୍ଦନ ମାରାଣ୍ଡି, ଡେମୋନଷ୍ଟ୍ରେଟର ଧନଞ୍ଜୟ ମହାପାତ୍ର, କୃଷ୍ଣଚନ୍ଦ୍ର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଜଗନ୍ନାଥପ୍ରସାଦ ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚିତ

ଜଗନ୍ନାଥପ୍ରସାଦ,୩୦।୭ (ବିଭୁ ପ୍ରସାଦ ପଟ୍ଟନାୟକ)

ସ୍ଥାନୀୟ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ପରିସରରେ ଜଗନ୍ନାଥ ପ୍ରସାଦ ଓକିଲ ସଂଘର ଏକ ଜରୁରୀ ବୈଠକ ସଂଘର ପ୍ରଥମ ସଭାପତି ଅମରେଶ ମହାପାତ୍ରଙ୍କ ପୌରାହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ପାଦକ ଜ୍ୟୋତି ରଞ୍ଜନ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିବା ସହ ସଂଘର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ବାର୍‌ର ପଞ୍ଜିକରଣ, ସଂଘର ଦ୍ୱିତୀୟ ସ୍ୱର୍ଣ୍ଣକ୍ଷତ୍ର ଉପରେ ଆଲୋଚନା କରାଯାଇଥିଲା। ପରେ ବାରର କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା । ଏଥିରେ ସର୍ବସମ୍ମତକ୍ରମେ ସଭାପତି ଭାବେ



ନୀଳାଞ୍ଚଳ ଖିଲାର, ଉପସଭାପତି ଭାବେ ଓମପ୍ରକାଶ ପ୍ରଧାନ, ସମ୍ପାଦକ ଭାବେ ଜ୍ୟୋତିରଞ୍ଜନ ପ୍ରଧାନ, ସହସମ୍ପାଦକ ଭାବେ ଜନାର୍ଦ୍ଦନ ପ୍ରଧାନ, କୋଷାଧ୍ୟକ୍ଷ ଭାବେ ବିକାଶ ରଞ୍ଜନ ବେହେରା ମନୋନୀତ ହୋଇଛନ୍ତି। କାର୍ଯ୍ୟକାରିଣୀ ସଦସ୍ୟ ଭାବେ ବିନାୟକ ପ୍ରଧାନ, ଦିଗାମ୍ବର ନାୟକ ଓ ରଞ୍ଜନ କୁମାର ସାହୁ ଚୟନ ହୋଇଥିଲେ। ବୈଠକରେ ବରିଷ୍ଠ ଆଇନଜୀବୀ ଲକ୍ଷ୍ମଣ ସେଠି, ନୀଳାଞ୍ଚଳ ପ୍ରଧାନ, ସନ୍ତୋଷ କୁମାର ଶତପଥୀଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ ।

# ରୋଗୀଙ୍କ ଜୀବନ ସହ ଖେଳୁଛନ୍ତି ନକଲି ଡାକ୍ତର

ଗୋପାଳପୁର,୩୦।୭ (ନବୀନ ରାଜ ଆଚାରୀ)

ଗୋପାଳପୁର ଓ ଗୋଳନ୍ଥରା ଥାନା ଅଞ୍ଚଳରେ ନକଲି ଡାକ୍ତର କ୍ଲିନିକ ଖୋଲି ରୋଗୀ ଦେଖୁଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଓ ଜିଲା ପ୍ରଶାସନ ଏଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ନିରବଦ୍ରଷ୍ଟା ସାଜିଛି। ନକଲି ଡାକ୍ତର ରୋଗୀଙ୍କ ଜୀବନ ସହ ଖେଳୁଥିବା ବେଳେ ସେପଟେ ବିଭିନ୍ନ ଗ୍ରାମରେ ବିନା ଲାଇସେନ୍ସରେ ଅନଭିଜ୍ଞମାନେ ଔଷଧ ଦୋକାନ ଖୋଲି ରୋଗୀ ସମ୍ପର୍କୀୟଙ୍କୁ ଲୁଟୁଥିବା ଦେଖାଯାଉଛି।

ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ କେଲୁଆପୁଲୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ସୁନାଦେଇ, ମନ୍ତ୍ରୀଡ଼ି, ଗୋପାଳପୁର, ଭଞ୍ଜବିହାର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ସେ ସବୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିୟମିତ ଡାକ୍ତର ଆସୁ ନ

### ବିନା ଲାଇସେନ୍ସରେ ଔଷଧ ଦୋକାନ

ଥିବା ଯୋଗୁ ବାଧ ହୋଇ ରୋଗୀମାନେ ନକଲି ଡାକ୍ତରଙ୍କ ନିକଟକୁ ଯାଉଛନ୍ତି। ସେଠାରେ ମନଇଚ୍ଛା ଇଞ୍ଜେକ୍ସନ, ପେନକିଲର, ହାଇ ଆଣ୍ଟିବାୟୋଟିକ ଓ ଷ୍ଟେରଏଡ଼ ଦିଆଯାଉଛି। ଯାହାଫଳରେ ରୋଗୀ ଆର୍ଥିକ ଶୋଷଣର ଶିକାର ହେଉଥିବା ବେଳେ କେତେଜଣ ରୋଗୀ ଗୁରୁତର ହୋଇ ମୃତ୍ୟୁମୁଖରେ ପଡୁଥିବା ନଜିର ରହିଛି। ଗୋଳନ୍ଥରା ଚଟି, ଗୋବିନ୍ଦନଗର, ରଣ୍ଡା, କନିସି ହାଟ, ହଳଦିଆପଦର, ଗଞ୍ଜୁ, କମଳାପୁର, କରାପଲୀ, ନାରାୟଣପୁର, ସୋରଳ, ଡୁରା, ଡୁଲୁ, ଦୁମୀଦୁମୀ, ମେଣ୍ଡରାଜପୁର ଆଦି ଗ୍ରାମରେ ନକଲି ଡାକ୍ତରମାନେ କ୍ଲିନିକ ଖୋଲି ରୋଗୀ ଚିକିତ୍ସା କରୁଛନ୍ତି। ସେହିପରି ବିନା ଲାଇସେନ୍ସରେ ଖୋଲିଥିବା ଔଷଧ ଦୋକାନଗୁଡିକରେ ସରକାରୀ ଔଷଧ, ଗଜକପଡା, ସାଲାଇନ ଓ ଏକ୍ସପାୟରୀ ଔଷଧ ମଧ୍ୟ ବିକ୍ରି କରାଯାଉଛି ବୋଲି ଅଭିଯୋଗ ହେଉଛି। ଡ୍ରଗ୍ସ ଇନ୍ସପେକ୍ଟର ନିୟମିତ ଦୋକାନଗୁଡ଼ିକର ଯାଞ୍ଚ କରୁନାହାନ୍ତି। ସୋର୍ଲା ରୋଡ଼-ଜାଗପୁର ରାସ୍ତାରେ ଥିବା ଏକ ହସ୍ପିଟାଲରେ ଶିକ୍ଷାଗତ ଯୋଗ୍ୟତା ନ ଥାଇ ବ୍ୟକ୍ତିମାନେ ରୋଗୀଙ୍କୁ ଇଞ୍ଜେକ୍ସନ ଓ ସାଲାଇନ ଦେଉଛନ୍ତି। ସବୁଠାରୁ ଗୁରୁତର କଥା ଏଠାରେ ଗର୍ଭପାତ ମଧ୍ୟ କରାଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଉମା ଶଙ୍କର ମିଶ୍ରଙ୍କୁ ପଚାରିବାରୁ ଏ ସମ୍ପର୍କରେ ଖବର ମିଳିଛି, ଖୁବଶୀଘ୍ର ଏକ ଟିମ ଯାଇ ଯାଞ୍ଚ କରିବ ବୋଲି କହିଛନ୍ତି।

# ଜଗତ୍‌ସିଂହପୁର ଜିଲାରେ ପ୍ରଥମ ବନ୍ୟାଜଳ ପ୍ରବାହିତ


ଆଳିପିଙ୍ଗଳ ନିକଟରେ ବନ୍ୟାଜଳ ପ୍ରବାହିତ ହେଉଛି।


ଉକୁନ୍ଦରା ନିକଟରେ ନଦୀବନ୍ଧ ମରାମତି କରାଯାଉଛି।

**ଜଗତ୍‌ସିଂହପୁର, ୩୦।୭ (ପ୍ରମୋଦ କୁମାର ନାୟକ):**

ଜଗତ୍‌ସିଂହପୁର ଏକ ତଳିଆ ଜିଲା ଭାବେ ପରିଚିତ। ସମୁଦ୍ର କୂଳବର୍ତ୍ତୀ ଏହି ଜିଲାରେ ଅନେକ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ଯଥା ବାତ୍ୟା, ବନ୍ୟା ଆଦି ହୋଇଥାଏ। ଯେହେତୁ ଏବେ ବର୍ଷାଦିନ, ତେଣୁ ବନ୍ୟା ପରିସ୍ଥିତି ଜଟିଳ ହେବାର ସମ୍ଭାବନା ରହିଛି। ମଙ୍ଗଳବାର ଅପରାହ୍ନ ସୁଦ୍ଧା ହୀରାକୁଦରୁ ପ୍ରବାହିତ ବନ୍ୟାଜଳ ପାଖାପାଖି ୫ ଲକ୍ଷ ଘନଫୁଟ୍ ଜଳ ମୁଣ୍ଡଳିଠାରେ ପ୍ରବାହିତ ହୋଇଛି। ଏହି ଜଳ ଜଗତ୍‌ସିଂହପୁର ଜିଲାର ଦେବୀ, ମହାନଦୀ ଓ ବିଲୁଆ ଖାଇ ଆଦି ନଦୀରେ ପ୍ରବାହିତ ହେଉଥିବା ଜଣାଯାଇଛି। ଖବର ଲେଖାହେବାବେଳକୁ ଜଗତ୍‌ସିଂହପୁରର ଆଳିପିଙ୍ଗଳ ନିକଟ ଦେବୀ ନଦୀରେ ପାଖାପାଖି ୨ ଲକ୍ଷ ଘନ୍‌ଫୁଟ୍ ଜଳ ପ୍ରବହିତ ହେଉଥିବା ଆକଳନ କରାଯାଇଛି। ବନ୍ୟାଜଳ ବୁଧବାର ଭୋର ୬ଟା ସୁଦ୍ଧା ଆଳିପିଙ୍ଗଳ ନିକଟରେ ଜଳସ୍ତର ସର୍ବାଧିକ ହେବାର ଆଶଙ୍କା ରହିଛି ବୋଲି ଜଳସମ୍ପଦ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଏହାକୁ ଦୃଷ୍ଟିରେ ରଖି ଜଳ ସମ୍ପଦ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ବିଶେଷକରି ମହାନଦୀ, ଦେବୀ ଓ ବିଲୁଆଖାଇ ନଦୀବନ୍ଧର ବିପଦପୂର୍ଣ୍ଣ ସ୍ଥାନ ନିକଟରେ ୧ ଲକ୍ଷ ୨୦ ହଜାର ବାଲି ବସ୍ତା ଏବଂ ୪ ହଜାର ସେଣ୍ଟିମିଟର ବାଲି ମହଜୁଦ୍ କରି ରଖାଯାଇଛି। ବିଭିନ୍ନ ସ୍ଲୁଇସ୍ ଗେଟ୍ ମରାମତି ସହ ସଚଳ କରାଯାଇଛି। ଆବଶ୍ୟକ ପଡିଲେ ଏହା ଖୋଲାଯାଇ ଜଳ ନିଷ୍କାସନ କରାଯିବ। ଏ ନେଇ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ବିଗତ ବର୍ଷଗୁଡିକରେ

- ଦେବୀ ନଦୀରେ ପାଖାପାଖି ୨ ଲକ୍ଷ ଘନଫୁଟ ଜଳ ପ୍ରବାହିତ ହେଉଛି
- ସମ୍ଭାବ୍ୟ ପରିସ୍ଥିତିକୁ ନେଇ ଜଳ ସମ୍ପଦ ବିଭାଗର ପ୍ରସ୍ତୁତି
- ଏରଡ଼ା, ଗଳଧାରୀ, ଭଣ୍ଡିସାହି ସମେତ ଏକାଧିକ ସ୍ଥାନରେ ବିପଦ
- ୧ଲକ୍ଷ ୨୦ ହଜାର ବାଲି ବସ୍ତା, ୪ ହଜାର ସେଣ୍ଟିମିଟର ବାଲି ମହଜୁଦ

ଦେଖାଦେଇଥିବା ସମସ୍ୟାର ପୁନରାବୃତ୍ତି ନ ହେବା ପାଇଁ ବିଭାଗ ସତର୍କ ରହିଥିବା ଜଗତ୍‌ସିଂହପୁର ଜଳ ସମ୍ପଦ ବିଭାଜନ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର (ଏସ୍‌ଇ) ପ୍ରଦୀପ କୁମାର ନାୟକ ସୂଚନା ଦେଇଛନ୍ତି।

ସେ କହିଛନ୍ତି, ୨୦୨୨ରେ ନହରବାଡ଼ି ନିକଟ ବିଲୁଆଖାଇ ନଦୀର ଦକ୍ଷିଣପଟ ବନ୍ଧ ଦୁର୍ବଳ କାରଣରୁ ଘଳିଆ ପଡିଥିଲା। ଅନୁରୂପ ଭାବେ ଏହି ବର୍ଷ ରହମ୍ମା, ବମ୍ଫିଲୋ, ବାରେଡ଼ିଆ ଓ ସାଳଗାଁ, କୋରୁଆ ଆଦି ଗ୍ରାମ ନିକଟ ଦେବୀ ନଦୀର ବାମପାର୍ଶ୍ୱରେ ଘଳିଆ ପଡିଥିଲା। ଏହା ସେତେବେଳେ ଚିନ୍ତାର କାରଣ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ଚଳିତବର୍ଷ ଦେବୀଦୋଳ ଓ ବିଲିପଡ଼ା ନିକଟ ଦେବୀ ନଦୀର ଅତଡ଼ା ପଥର ପ୍ୟାକିଂ କରାଯାଇଛି। ଦଳେଇଘାଇ ନିକଟ ନଦୀବନ୍ଧ ଉଚ୍ଚ ସାଙ୍ଗକୁ ଦୃଢୀକରଣ ପାଇଁ ଉଦ୍ୟମ ହୋଇଥିବା ଏସ୍.ଇ. ନାୟକ କହିଛନ୍ତି। ବାସ୍ତବରେ କିନ୍ତୁ ମହାନଦୀ ଓ ଦେବୀ ନଦୀର ଏକାଧିକ ସ୍ଥାନରେ ବାଲି ଘାଟ ଯୋଗୁ ବିପଦ ସୃଷ୍ଟି ହୋଇଛି। ପ୍ରତ୍ୟହ ସହସ୍ରାଧିକ ଟ୍ରିପ୍ ହାଇୱା, ଟ୍ରକ୍, ଟ୍ରାକ୍ଟର ଆଦିରେ ଓଭରଲୋଡ ବାଲି ଚାଲାଣ ଏପରି କି ଚୋରା ଚାଲାଣ ଯୋଗୁ ଅତଡ଼ା ଓ ନଦୀବନ୍ଧ ଦୁର୍ବଳ ହୋଇଯାଇଛି। ସେଥିମଧ୍ୟରୁ ନାଉଗାଁ ବ୍ଲକର ଗଳଧାରୀ, ଏରଡ଼ା ସମେତ ଭଣ୍ଡିସାହି ଆଦି ସ୍ଥାନ ଅନ୍ୟତମ। ବର୍ଷାରେ ଏହି ସ୍ଥାନଗୁଡିକ ଅଧିକ ଖରାପ ହୋଇଯାଇଥିବାରୁ ବନ୍ୟା ପରିସ୍ଥିତି ସୃଷ୍ଟି ହେଲେ ଘାଇ ହୋଇ ବ୍ୟାପକ ଧନ, ଜୀବନ ହାନି ହେବାର ଆଶଙ୍କା ରହିଛି। ତେଣୁ ନଦୀରୁ ବାଲି ଚାଲାଣ ଉପରେ ଅଙ୍କୁଶ ଲଗାଯିବା ଜରୁରି। ଜିଲାପାଳ ଏଥିପ୍ରତି ବିଶେଷ ଧ୍ୟାନ ଦେଇ ବାଲି ଚାଲାଣ ବନ୍ଦ ପାଇଁ ଖଣି ଅଧିକାରୀ, ତହସିଲଦାର ଓ ଥାନା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବାକୁ ସାଧାରଣରେ ଦାବି ହେଉଛି।

ସୂଚନାଯୋଗ୍ୟ , ବନ୍ୟା ପ୍ରସ୍ତୁତି ସମ୍ପର୍କରେ ଅନୁଧ୍ୟାନ ପାଇଁ ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ (ଇଆଇସି) ତଥା ସ୍ୱତନ୍ତ୍ର ସଚିବ (ଇଣ୍ଟରନାଲ ଭିଜିଲାନ୍ସ) ଗତ ୧୭ ତାରିଖରେ ବିଭାଗୀୟ ଜଗତ୍‌ସିଂହପୁର ବିଭାଜନର ସମ୍ବେଦନଶୀଳ ଅଞ୍ଚଳ ପରିଦର୍ଶନ କରିଥିଲେ। ବିଶେଷକରି ୨୦୨୨ରେ ବିପଦ ସୃଷ୍ଟି ହୋଇଥିବା ସ୍ଥାନ ବୁଲି ଦେଖିଥିଲେ। ଏହି ସମୟରେ ନଦୀବନ୍ଧଗୁଡିକ ରାସ୍ତା ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ପରାମର୍ଶ ଦେଇଥିଲେ। ସେ କହିଥିଲେ, ନଦୀ ବନ୍ଧରେ ରାସ୍ତା ହୋଇଗଲେ ଏବଂ ଲୋକେ ଯାତାୟାତ କଲେ ବନ୍ୟା ସମୟରେ ବିପଦ କମିଯିବ। ତେଣୁ ବିଭାଗୀୟ ଏସ୍‌ଇ ବିଲୁଆଖାଇ ନଦୀର ଦକ୍ଷିଣପଟ କେନାଲ ପାର୍ଶ୍ୱରେ ସୁରକ୍ଷା କାନ୍ଥ କରିବା ପାଇଁ କଟକ ପୂର୍ତ୍ତ ବିଭାଗ ଏସ୍‌ଇଙ୍କ ସହଯୋଗ ଲୋଡିବାକୁ ପରାମର୍ଶ ଦେଇଥିଲେ। ଏଥିସହ ନଦୀବନ୍ଧ ପାର୍ଶ୍ୱ ବିପଦପୂର୍ଣ୍ଣ ସ୍ଥାନରେ ଯେପରି ବଣ ହୋଇ ନ ରୁହେ, ସେଥିପ୍ରତି ଧ୍ୟାନ ଦେବାକୁ କହିଥିଲେ ।


ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ରୋହନ


@ ଲକି


@ ପ୍ରତୀକ



@ ଉଦୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ବୃଦ୍ଧଙ୍କଠାରୁ ୨ ଲକ୍ଷ ଟଙ୍କା ଲୁଟ ଘଟଣାରେ ୨ ଗିରଫ

**ଜେନାପୁର,୩୦।୭(ଅଶୋକ ଦାସ):**

ଯାଜପୁର ଜିଲା ଜେନାପୁର ଥାନା ଅଧୀନ ଗୋଡ଼ିପାଟିଆ ଗ୍ରାମର ଜଣେ ବୃଦ୍ଧଙ୍କଠାରୁ ୨ ଲକ୍ଷ ଟଙ୍କା ଲୁଟ ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହିତ ସେମାନଙ୍କ ନିକଟରୁ ୧ ଲକ୍ଷ ୬୧ ହଜାର ୧୬୦ ଟଙ୍କା, ଏକ ବାଇକ୍, ୩ ମୋବାଇଲ ଫୋନ୍, ୨ ବ୍ୟାଙ୍କ୍ ପାସ ବୁକ, ଦୁଇ ଅଧର କାର୍ଡ ଓ ଜନ୍ତ୍ରପାତି ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଯାଜପୁର ରୋଡ ଥାନା ଅଧୀନ ମୁଣ୍ଡମାଳ ଗ୍ରାମର ଶ୍ରୀକାନ୍ତ ପ୍ରଧାନ(୨୪) ଓ ଗଞ୍ଜାମ ଜିଲା କୋଟିନଡ଼ା ଥାନା ଅଧୀନ ଦୁକୁନି ସାହାପୁର ଗ୍ରାମର ଏନ୍ ରବିନ(୨୮)।

ଅଭିଯୋଗ ମୁତାବକ, ଗତ ୧୯ ତାରିଖରେ ଗୋଡ଼ିପାଟିଆ ଗ୍ରାମର ବୃଦ୍ଧ ରାମଚନ୍ଦ୍ର ବାରିକ ଚଢ଼େଇଧାରାସ୍ଥିତ ଏକ ବ୍ୟାଙ୍କକୁ ଯାଇ ୨ ଲକ୍ଷ ଟଙ୍କା ଉଠାଇ ସାଇକେଲ ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ରାଣୀବନ୍ଧ ପୋଲ ନିକଟରେ ଛପି ରହିଥିବା ଅଭିଯୁକ୍ତ ଦ୍ୱୟ ତାଙ୍କ ପାଖକୁ ଆସି ଧକ୍କା ଦେଇଥିଲେ। ଫଳରେ ରାମଚନ୍ଦ୍ର ତଳେ ପଡିଯାଇଥିଲେ। ଏହାପରେ ଲୁଟେରା ବୃଦ୍ଧଙ୍କ ଟଙ୍କା ବ୍ୟାଗ ଧରି ଫେରାର ହୋଇଯାଇଥିଲେ। ଏ ସଂକ୍ରାନ୍ତରେ ରାମଚନ୍ଦ୍ର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ନଂ.୨୫୯/୨୪ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତଙ୍କୁ କାବୁ କରିବା ପାଇଁ ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ଏକ ଟିମ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲେ। ଗିରଫ ଅଭିଯୁକ୍ତଦ୍ୱୟଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ଖରସ୍ରୋତା ନଦୀରେ ପ୍ରଥମ ବନ୍ୟାଜଳ ପ୍ରବେଶ



**ବିଞ୍ଝାରପୁର,୩୦।୭(ରାମକୃଷ୍ଣ ଦାସ):**

ଯାଜପୁର ଜିଲାର ଅନ୍ୟତମ ଚିରସ୍ରୋତା ନଦୀ ଖରସ୍ରୋତାରେ ପ୍ରଥମ ବନ୍ୟା ଜଳ ପ୍ରବେଶ କରିଛି। ଫଳରେ ତଳିଆ ଅଞ୍ଚଳରେ ବନ୍ୟା ସୃଷ୍ଟି ହୋଇଛି। ଖରସ୍ରୋତାରେ ବିପଦ ସଂକେତଠାରୁ ବହୁ ନିମ୍ନରେ ବନ୍ୟା ଜଳ ପ୍ରବାହିତ ହେଉଥିଲେ ମଧ୍ୟ ରଣପୁର ପଞ୍ଚାୟତର ନରଣପୁର ଗ୍ରାମ ପାଣିଘେରରେ ରହିଛି। ସେହିପରି ଖରସ୍ରୋତାରେ ବନ୍ୟାଜଳ ପ୍ରବାହିତ ହେବା ପରେ ରଣପୁର, ଚନ୍ଦ୍ରମୁ, ରାଉତରା, ମଲ୍ଲିପୁର, ଜଗନ୍ନାଥପୁର, କଣ୍ଟିପୁର ସମେତ ବରୀ ବ୍ଲକର କେତେକ ଗ୍ରାମର ଶହଶହ ହେକ୍ଟର ଚାଷ ଜମି ମଧ୍ୟ ଜଳମଗ୍ନ ହୋଇଛି। ଅପରପକ୍ଷରେ ଖରସ୍ରୋତାରେ ବନ୍ୟାଜଳ ପ୍ରବେଶ କରିବା ପରେ ଜଳ ସମ୍ପଦ ବିଭାଗ ସତର୍କ ହୋଇଛି। ନଦୀବନ୍ଧର କେତେକ ସ୍ଥାନ ଦୁର୍ବଳ ଥିବାରୁ ସେଠାରେ ବିଭାଗ ପକ୍ଷରୁ ମରାମତି ଚାଲିଥିବା ଦେଖିବାକୁ ମିଳିଛି।

# ଅସରାଏ ବର୍ଷାରେ ଭୁଶୁଡ଼ିଲା ରିଟର୍ନି ୱାଲ୍

**ମାସେ ତଳେ ନିର୍ମାଣ କରାଯାଇଥିଲା**

**ଯାଜପୁର,୩୦।୭(ହର୍ଷବର୍ଦ୍ଧନ ବେହେରା) :**

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ପଇରଖି ଗ୍ରାମରୁ ବୃନ୍ଦାବନପୁର ପର୍ଯ୍ୟନ୍ତ ନିର୍ମାଣାଧୀନ ୫ କି.ମି. ଗ୍ରାମ୍ୟଉନ୍ନୟନ ରାସ୍ତାରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ଏହି ରାସ୍ତାରେ ମାସେ ତଳେ ୭ କୋଟି ଟଙ୍କାରେ ନିର୍ମାଣ ହୋଇଥିବା ରିଟର୍ଣ୍ଣ ୱାଲ ଅସରାଏ ବର୍ଷାରେ ଭୁଶୁଡିପଡିଛି। ଏହି ପ୍ରକଳ୍ପରେ ଆବଶ୍ୟକ ନିର୍ମାଣ ସାମଗ୍ରୀ ବ୍ୟବହାର ନ ହେବା ସହିତ ଅଣଓସରିଆ କରାଯାଇ ସଂପୃକ୍ତ ଠିକାଦାର ଅନୁଦାନର ସିଂହଭାଗ ଅର୍ଥ ହରିଲୁଟ କରୁଥିବା ଚର୍ଚ୍ଚା ହେଉଛି। ଏହି ଅନିୟମିତତାରେ ଦାୟିତ୍ୱରେ ଥିବା ଯନ୍ତ୍ରୀ ସହଯୋଗ କରୁଥିବା ଅଭିଯୋଗ ହେଉଛି। ଅଞ୍ଚଳବାସୀ ଏନେଇ କନିଷ୍ଠ ଯନ୍ତ୍ରୀଙ୍କ ସମେତ ବିଭାଗୀୟ ଅଧିକାରୀଙ୍କୁ ଏକାଧିକ ଥର ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳି ପାରିନାହିଁ। ଏପରିକି ଅଭିଯୋଗକାରୀଙ୍କୁ ମିଥ୍ୟା ମାମଲାରେ ଗିରଫ କରି ଫସେଇ ଦିଆଯିବ ବୋଲି ସଂପୃକ୍ତ ଠିକାଦାର ଜଣକ ଚେତାବନୀ ଦେଉଥିବା ଶୁଣିବାକୁ ମିଳୁଛି।

ଲୋକଙ୍କ ଅଭିଯୋଗ ଅନୁଯାୟୀ, ଭାଜପା ନେତ୍ରୀ ବବିତା ମଲିକଙ୍କ ନେତୃତ୍ୱରେ ବିଞ୍ଝାରପୁର ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ନିରଞ୍ଜନ ବେଉରିଆ, ଭୁବନାନନ୍ଦ ସାମଲ , ରାଜକିଶୋର ନାୟକ, ଯଦୁମଣି ଧଳ, ବିଶ୍ୱଜିତ ସାମଲ, ପୂର୍ଣ୍ଣଚନ୍ଦ୍ର ନାଥଶର୍ମା, ସନାତନ ବେହେରା, ଶରତ ଚନ୍ଦ୍ର ଧଳ ,ଶତ୍ରୁଘନ ବେହେରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ବର୍ଷାଦିନେ ନିମ୍ନମାନର ପିଚୁ କାମ ଓ ରିଟର୍ଣ୍ଣ ୱାଲ ନିର୍ମାଣ ବିରୋଧରେ ବିଭାଗୀୟ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିବେ ବୋଲି ଭାଜପା ନେତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏପରି ବ୍ୟାପକ ଅନିୟମିତତା ପାଇଁ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କୁ କାର୍ଯ୍ୟରୁ ନିଲମ୍ବନ କରିବା ସହିତ ଠିକାଦାରଙ୍କ ଲାଇସେନ୍ସକୁ କଳା ତାଲିକା ଭୁକ୍ତ କରାଯାଉ ବୋଲି ଭାଜପା ନେତା ଭୁବନାନନ୍ଦ ସାମଲ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ସାଧାରଣଲୋକଙ୍କୁ ବେଆଇନ ଭାବେ ଧମକ ଦେବା ନେଇ ଅଳକୁଣ୍ଡ ଥାନା ଅଧିକାରୀଙ୍କ ବିରୋଧରେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ଅଭିଯୋଗ କରିବେ ବୋଲି ନିରଞ୍ଜନ ବେଉରିଆ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।



# ବିପଦପୂର୍ଣ୍ଣ ଭାବେ ଗାଡ଼ିରେ ପିଲାଙ୍କୁ ନିଆଯାଉଛି

- ଘରୋଇ ସ୍କୁଲ ସରକାରୀ ନିୟମକୁ ମାନୁନାହାନ୍ତି
- ଛାତ୍ରୀଛାତ୍ରଙ୍କୁ ଖୁନ୍ଦି ଖାନ୍ଦି ନିଆଯାଉଛି

**ପଟ୍ଟାମୁଣ୍ଡାଇ, ୩୦।୭ (କଳ୍ପତରୁ ନାୟକ)**



ବେସରକାରୀ ଗାଡ଼ିରେ ନିର୍ଦ୍ଧାରିତ ସିଟ୍‌ଠାରୁ ଅଧିକ ସଂଖ୍ୟକ ଛାତ୍ରୀଛାତ୍ରଙ୍କୁ ବସାଇ ବିଦ୍ୟାଳୟକୁ ନିଆଯାଉଛି ।

ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ସୁରକ୍ଷା ବ୍ୟବସ୍ଥା ଭିତରେ କିଭଳି ପରିବହନ କରାଯିବ ଓ କେଉଁ ଭଳି ଗାଡ଼ିରେ ସେମାନଙ୍କୁ ନିଆଯିବ, ପିଲା ଯିବାବେଳେ ଗାଡ଼ିରେ କେଉଁମାନେ ରହିବେ, ଏହାକୁ ନଜରରେ ରଖି ସରକାର ବିଦ୍ୟାଳୟର ପିଲାଙ୍କ ପାଇଁ ପରିବହନ ନିୟମ କରିଥିଲେ। ହେଲେ ଆଜି ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଏହା ଲାଗୁ ହୋଇପାରିଲାନାହିଁ। ଏଠାରେ ଥିବା ଘରୋଇ ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ପରିବହନ ଉପରେ ନିଘା ନ ଥିବାବେଳେ କୁନିକୁନି ପିଲାଙ୍କୁ ଅଟୋ, ଭ୍ୟାନ୍‌ରେ ଖୁନ୍ଦାଖୁନ୍ଦି କରି ବିପଜ୍ଜନକ ଅବସ୍ଥାରେ ସ୍କୁଲକୁ ନେବା ଆଣିବା କରାଯାଉଛି। ଫଳରେ ପିଲା ଅଣନିଃଶ୍ୱାସୀ ହେବା ଭଳି ସ୍ଥିତି ଉପୁଜୁଥିଲେ ମଧ୍ୟ ଏଥିପ୍ରତି କାହାର ନିଘା ନ ଥିବାବେଳେ ଯାଞ୍ଚ କରିବାକୁ କେହିନାହାନ୍ତି। ବିଶେଷକରି ପିଲାଙ୍କୁ ସ୍କୁଲ ନେବା ଆଣିବା ବେଳେ ଗାଡ଼ିର ମାଲିକମାନେ ଚରମ ବିଶୃଙ୍ଖଳା କରୁଛନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

ବୁଦ୍ଧିଜୀବୀ ପ୍ରବୀର ନାୟକ କହିଛନ୍ତି, ସ୍କୁଲ ଛାତ୍ରୀଛାତ୍ରଙ୍କ ସୁରକ୍ଷା ପାଇଁ ଘରୋଇ ବିଦ୍ୟାଳୟରେ ଚାଲୁଥିବା ସମସ୍ତ ସ୍କୁଲ ବସ୍‌ଗୁଡ଼ିକର ରଙ୍ଗ ହଳଦିଆ ହେବା ସହ ଅଗ୍ନି ନିରାପତ୍ତା ଯାଞ୍ଚ ହେବା ନେଇ ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି। ଏଥିରେ ଖିଲାପ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପରିବହନ କମିଶନର ଅମିତାଭ ଠାକୁର ୨୧ ତାରିଖରେ ସବୁ ଆରଟିଓଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ୨୦୧୬ ଗାଇଡଲାଇନରେ ସ୍କୁଲ ବସ୍ ବ୍ୟତୀତ ଅନ୍ୟ କୌଣସି ଅଟୋ କିମ୍ବା ଗାଡିରେ ୧୩ ସିଟ୍‌ରୁ କମ୍ ଥିଲେ ଛାତ୍ରୀଛାତ୍ରଙ୍କୁ ନେବା ଆଣିବା କରିବାକୁ ବାରଣ କରାଯାଇଛି। ସ୍କୁଲ ବସ୍ ବ୍ୟତୀତ ଅନ୍ୟ କୌଣସି ଗାଡ଼ିରେ ପିଲାଙ୍କୁ ପରିବହନ କରାଗଲେ ଗାଡ଼ିକୁ ଜବତ କରାଯିବା ସହିତ ନିୟମ ମୁତାବକ ସ୍କୁଲ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ନେଇ ସରକାର ଏକାଧିକ ଥର ସ୍କୁଲଗୁଡ଼ିକୁ ନିୟମ ପଠାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାହା ପଟ୍ଟାମୁଣ୍ଡାଇ ଅଞ୍ଚଳରେ କାର୍ଯ୍ୟକାରୀ ହୋଇପାରିନାହିଁ। ଅଭିଭାବକ ମହାସଂଘ ସମ୍ପାଦକ ନରେନ୍ଦ୍ର ଧଳ କହିଛନ୍ତି, ସରକାରଙ୍କ ବାରମ୍ବାର ଚେତାବନୀ ପରେ ମଧ୍ୟ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଥିବା ସ୍କୁଲଗୁଡିକ ନିୟମ ମାନୁନାହାନ୍ତି। କେତେକ ସ୍କୁଲରେ ପରିବହନ ପାଇଁ କୌଣସି ସୁବିଧା ନ ଥିବାବେଳେ ଛୋଟ ଭ୍ୟାନ୍, ଅଟୋରେ ଛାତ୍ରୀଛାତ୍ରଙ୍କୁ ପରିବହନ କରାଯାଉଛି। ଛାତ୍ରୀଛାତ୍ରଙ୍କୁ ଖୁନ୍ଦିଖାନ୍ଦି ନିଆଯାଉଛି। ଅଟୋରେ ୫ ଜଣ ଓ ଟାଟା ଏସିରେ ୮ ଜଣ ବସିବା ନିୟମ ଥିବାବେଳେ ଗାଡ଼ି ଚାଳକ ୧୦ ରୁ ୧୫ ଓ ୧୮ରୁ୨୦ ଭଳି ପିଲାଙ୍କୁ ବୁହାଉଛନ୍ତି। ଖାଲି ସେତିକି ନୁହେଁ ବେଗ ୫୦ରୁ ୮୦ କିମି ଟପି ଯାଉଛି। ହେଲେ ଏସବୁର ତଦାରଖ କରିବାକୁ କେହି ନାହିଁ। ପରିବହନ ବିଭାଗ ପକ୍ଷରୁ ମଧ୍ୟ ରୀତିମତ ଯାଞ୍ଚ କରାଯାଉନାହିଁ। ଏହାକୁ ନେଇ ଅଭିଭାବକ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଶିକ୍ଷାବିତ୍ ପ୍ରେମାନନ୍ଦ ପଣ୍ଡା କହିଛନ୍ତି, ରାଜ୍ୟର ବିଭିନ୍ନ ସ୍ଥାନର ସ୍କୁଲରେ ଏପରି ଅନିୟମିତାକୁ ନେଇ ଗତ ୨୧ ତାରିଖରେ ରାଜ୍ୟ ପରିବହନ ବିଭାଗ ପୁଣି ଥରେ ସରକାରୀ ଓ ବେସରକାରୀ ସ୍କୁଲଗୁଡ଼ିକୁ ସତର୍କ କରାଇଛି। ସ୍କୁଲ ଛାତ୍ରୀଛାତ୍ରଙ୍କୁ ପରିବହନ ବିଭାଗ କରିଥିବା ନିୟମକୁ କଡ଼ାକଡ଼ି ପାଳନ କରିବା ପାଇଁ ଚେତାଇଛି। ଏହା ସତ୍ତ୍ୱେ ପରିସ୍ଥିତିରେ ବିଶେଷ ଫରକ୍ ପଡ଼ିନାହିଁ। ଏ ସଂକ୍ରାନ୍ତରେ କେନ୍ଦ୍ରାପଡ଼ା ଆରଟିଓ ଧୀରେନ୍ଦ୍ର କୁମାର ନାୟକଙ୍କୁ ପଚାରିବାରେ ସରକାରୀ ହେଉ କି ବେସରକାରୀ ସ୍କୁଲରେ ଯାଞ୍ଚ କରାଯିବା ସହିତ ଚେତାବନୀ ଦିଆଯାଉଛି। ଯେଉଁ ଗାଡି ମାଲିକମାନେ ମାନୁନାହାନ୍ତି କାର୍ଯ୍ୟାନୁଷ୍ଠନ ନିଆଯିବ ବୋଲି ସେ କହିଛନ୍ତି।

# ବିଶୁଦ୍ଧ ଜଳ ଯୋଗାଣ ପ୍ରକଳ୍ପ କାମରେ ଆସୁନି

## ଅନିୟମିତତା ନ ସୁଧାରିଲେ ପାନୀୟ ଜଳରୁ ବଞ୍ଚିତ ହେବେ ଅଞ୍ଚଳବାସୀ

ଖଣ୍ଡପଡ଼ା,୩୦।୭(ଅଜୟ କୁମାର ମହାରଣା)

ଭାରତର ପୁନେ ଓ ଓଡ଼ିଶାର ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋଠାରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଥମ କରି ବିଶୁଦ୍ଧ ଜଳ ଯୋଗାଣ ପ୍ରକଳ୍ପ ପ୍ରତିଷ୍ଠା କରାଯାଇଥିଲା । ଏଥିପାଇଁ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଇଥିଲା । ହେଲେ ନୂତନ ପ୍ରକଳ୍ପର ବିଦ୍ୟୁତ ଦେୟ ପ୍ରଦାନରେ ଅବହେଳା ଯୋଗୁ ଅଧିକାଂଶ ସମୟରେ ଏହି ପ୍ରକଳ୍ପର ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯାଉଛି । ଫଳରେ କଣ୍ଟିଲୋ ଅଞ୍ଚଳବାସୀ ଗତ ୪ ବର୍ଷ ହେଲା ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି ।

ସୂଚନାଯୋଗ୍ୟ, କଣ୍ଟିଲୋ ଗ୍ରାମ ପଞ୍ଚାୟତରେ ଦୀର୍ଘ ୬୦ ବର୍ଷ ଧରି ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଅଞ୍ଚଳବାସୀଙ୍କୁ ମହାନଦୀର ଜଳକୁ ବିନା ବିଶୋଧନରେ ଯୋଗାଇ ଦିଆଯାଉଥିଲା। ଏହାର ନିରାକରଣ ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲା । ଖଣ୍ଡପଡ଼ାର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ଓ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଇଂ. ଅଭୟ କୁମାର ବିଶ୍ୱାଳଙ୍କ ଉଦ୍ୟମ କ୍ରମେ ପ୍ରାୟ ୩ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ଫିଲଟର ବ୍ୟବସ୍ଥା ରାଜ୍ୟରେ ପ୍ରଥମ କରି କଣ୍ଟିଲୋରେ ପ୍ରତିଷ୍ଠା କରାଯାଇଥିଲା । ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଇଂ. ବିଶ୍ୱାଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ପ୍ରକଳ୍ପର କାର୍ଯ୍ୟ ତ୍ୱରାନ୍ୱିତ ହେବା ସହ ୨୦୧୯ ଜାନୁଆରୀ ୧୨ରେ ତାହା କାର୍ଯ୍ୟକ୍ଷମ ହୋଇଥିଲା । ବିଦ୍ୟୁତ୍ ବିଭାଗର ଉପଭୋକ୍ତା ନଂ.୫୪୨- ଆରଡବ୍ଲ୍ୟୁଏସ୍ ଭାବେ ପଞ୍ଜିକୃତ ଉକ୍ତ ପ୍ରକଳ୍ପରୁ ୨୦୨୦ ଡ଼ିସେମ୍ବରରୁ ବିଦ୍ୟୁତ୍ ବକେୟା ବିଲ ଦେଢ ଲକ୍ଷ ଟଙ୍କା ଆଦାୟ ହୋଇ ନ ଥିବା ଯୋଗୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଥିଲା । ପରବର୍ତ୍ତୀ ସମୟରେ କଣ୍ଟିଲୋ ପଞ୍ଚାୟତ ପକ୍ଷରୁ ବକେୟା ବିଦ୍ୟୁତ୍ ବିଲ ପୈଠ କରାଯାଇଥିବା କଣ୍ଟିଲୋ ବିଦ୍ୟୁତ୍ ବିଭାଗ(କମରସିଆଲ) କନିଷ୍ଠଯନ୍ତ୍ରୀ ଶୁଭ୍ରାଂଶୁ ଦଳେଇ ସୂଚନା ଦେଇଥିଲେ । ଉକ୍ତ ବିଦ୍ୟୁତ ଦେୟ କଣ୍ଟିଲୋ ପଞ୍ଚାୟତ କର୍ତ୍ତୃପକ୍ଷ ପ୍ରଦାନ କରିବାରେ ଅବହେଳା ପ୍ରଦର୍ଶନ କରିଥିବା ଦଳେଇ ପ୍ରକାଶ କରିଥିଲେ । ଅପରପକ୍ଷେ ପ୍ରକଳ୍ପରୁ ଯୋଗାଣ ହେଉଥିବା ବିଶୁଦ୍ଧ ପାଣି ୧୫ ହଜାରରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ କଣ୍ଟିଲୋ ପଞ୍ଚାୟତବାସୀଙ୍କ ଆବଶ୍ୟକତା ପୂରଣ ଦିଗରେ ଅସମର୍ଥ ଥିବା ସୂଚନା ମିଳିଛି । ସମସ୍ତ ଆଇନକୁ ଉଲ୍ଲଂଘନ କରି ୨ହଜାରରୁ ଉର୍ଦ୍ଧ୍ୱ ଲୋକ ପାଇପ୍ ଲାଇନରୁ ବେଆଇନ ଭାବେ ନିଜ ଘରମାନଙ୍କୁ ସଂଯୋଗ ନେଇଥିଲେ । ସେମାନେ ବିଦ୍ୟୁତ ମୋଟର ଲଗାଇ ନିଜ ପାଣିଟାଙ୍କିକୁ ପାଣି ଟାଣୁଥିଲେ । ଏହାଦ୍ୱାରା ଆବଶ୍ୟକଠାରୁ ଅଧିକ ପାଣି ଅପଚୟ ହୋଇଥିଲା । ଏଥିଯୋଗୁ ସାଧାରଣ ଲୋକମାନେ ବାଲ୍‌ଟିଏ ପାଣି ପାଇବାରୁ ବଞ୍ଚିତ ହେଉଥିଲେ । ହେଲେ ଦୀର୍ଘ ବର୍ଷ ହେଲା ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଉ ନ ଥିବାରୁ ଏଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

ଏ ସମ୍ପର୍କରେ କଣ୍ଟିଲୋ ସରପଞ୍ଚ ଶ୍ରୀୟାରାଣୀ ବେହେରାଙ୍କ ସହ ଯୋଗାଯୋଗ କରାଯାଇଥିଲା । ସେ କହୁନ୍ତି, ୨୦୧୧ ଜନଗଣନା ଅନୁସାରେ କଣ୍ଟିଲୋ ପଞ୍ଚାୟତକୁ ଯୋଗାଯାଉଥିବା ଅନୁଦାନ ଅର୍ଥ ବର୍ତ୍ତମାନର ବର୍ଦ୍ଧିତ ଜନସଂଖ୍ୟାକୁ ଲକ୍ଷ୍ୟ କଲେ ଯଥେଷ୍ଟ କମ୍ । ସେଥିପାଇଁ ବିଦ୍ୟୁତ୍ ଦେୟ ପ୍ରଦାନ କରିବାରେ ସମସ୍ୟା ସୃଷ୍ଟି କରୁଛି । ଅନ୍ୟପକ୍ଷେ ଦୀର୍ଘ ବର୍ଷରୁ ଭୂମିତଳେ ଯାଇଥିବା ପାଇପ୍ ଲାଇନରେ ଜମି ରହିଥିବା ପଙ୍କ କାଦୁଆ କେତେଦୂର ଅଞ୍ଚଳବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ସେବା ଯୋଗାଇବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହାଛଡା ୨୦୨୪-୨୫ ବର୍ଷ ପାଇଁ ପଞ୍ଚାୟତକୁ କୌଣସି ଅନୁଦାନ ଆସି ନ ଥିବାରୁ ବିଦ୍ୟୁତ୍ ବିଲ ପୈଠ କରିବା ସମ୍ଭବ ନୁହେଁ ବୋଲି କହିଥିଲେ ।


ବନ୍ଦ ହୋଇ ପଡିଥିବା ଜଳ ଯୋଗାଣ ପ୍ରକଳ୍ପ ।

### ଏମାନେ ଯାହା କୁହନ୍ତି....


■ଜିଲା ପ୍ରଶାସନ ଏହାର ବିକଳ୍ପ ବ୍ୟବସ୍ଥା କଲେ ଅଞ୍ଚଳବାସୀ ଉପକୃତ ହୋଇ ପାରିବେ । ଏହାଛଡା ଭୂମିତଳେ ବିଛାଯାଇଥିବା ପୁରୁଣା ପାଇପ୍ ଲାଇନ ପରିବର୍ତ୍ତେ କିପରି ନୂତନ ପାଇପ୍‌ରେ ଜଳ ଯୋଗାଣ କରାଯାଇପାରିବ ତାହା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ବିଚାର କରିବା ଦରକାର ।

**-ସଚ୍ଚିଦାନନ୍ଦ ଦାଶ,ପୂର୍ବତନ ସରପଞ୍ଚ**


■ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କର୍ତ୍ତୃପକ୍ଷ ଘରକୁ ଜଳ ସଂଯୋଗ ନେଇଥିବା ବ୍ୟକ୍ତିଙ୍କଠାରୁ ପ୍ରତିମାସରେ ଆବଶ୍ୟକ ପ୍ରାପ୍ୟ ଆଦାୟ କରାଗଲେ ପ୍ରକଳ୍ପ ଚାଲିବାରେ କୌଣସି ସମସ୍ୟା ଉପୁଜିବ ନାହିଁ ।

**-ଉଜ୍ଜ୍ୱଳ ମହାରଣା, ଜିଲା ପରିଷଦ ସଭ୍ୟା**


■ପଞ୍ଚାୟତ ଓ ପ୍ରଶାସନ ପକ୍ଷରୁ ପାଣି ପଞ୍ଚାୟତ କମିଟିକୁ ଯଦି ଦାୟିତ୍ୱ ପ୍ରଦାନ କରାଯାଏ ପ୍ରକଳ୍ପ ପରିଚାଳନା ସହ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରିବାରେ କୌଣସି ସମସ୍ୟା ସୃଷ୍ଟି ହେବ ନାହିଁ । ବିଶୁଦ୍ଧ ଜଳ ଯୋଗାଇବାକୁ ହେଲେ କଣ୍ଟିଲୋରେ ନୂତନ ପାଇପ୍ ଲାଇନର ବ୍ୟବସ୍ଥା କରିବା ଆବଶ୍ୟକ ।

**-ମାଧବ ଚନ୍ଦ୍ର ସାହୁ, ସଭାପତି, ପାଣି ପଞ୍ଚାୟତ**


■ପାଣିର ଅପଚୟ ଓ ଅପବ୍ୟବହାର ସମ୍ପର୍କରେ ପ୍ରଥମେ ଲୋକମାନଙ୍କ ମାନସିକତାରେ ପରିବର୍ତ୍ତନ ଆଣିବା ଦରକାର । ପାଣି ପାଇଁ ଆବଶ୍ୟକ ଦେୟ ଆମକୁ ଦେବାକୁ ପଡିବ । ପୁରୁଣା ପାଇପ ଲାଇନ ବଦଳରେ ନୂତନ ପାଇପ ଲାଇନ ସମସ୍ତେ ସୁବିଧା ପାଇବେ ।

**-ଅଖିଳ କୁମାର ମହାରଣା, ସଭାପତି ନାଗରିକ ମଞ୍ଚ**

# ବନ୍ୟା ଯୋଗୁ ଜଳ ଯୋଗାଣ ବନ୍ଦ


ପିଣ୍ଡି ଉପରୁ ଜଳ ଯୋଗାଣ ମୋଟର ପମ୍ପକୁ କାଢି ନିଆଯାଇଛି ।

ଖଣ୍ଡପଡ଼ା,୩୦।୭
(ଅଜୟ କୁମାର ମହାରଣା)

ମହାନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହେଲେ କଣ୍ଟିଲୋରେ ପାନୀୟ ଜଳ ଯୋଗାଣରେ ସମସ୍ୟା ସୃଷ୍ଟି କରିଥାଏ । ମହାନଦୀରେ ଜଳ ପତନ ବୃଦ୍ଧି ପାଇଲେ ନଦୀ ମଧ୍ୟରେ ନିର୍ମିତ ପିଣ୍ଡି(ମୋଟର ପମ୍ପ ବସୁଥିବା ସିମେଣ୍ଟ ଚଟାଣ)ଟି ବୁଡ଼ି ଯାଏ । ସେଥିପାଇଁ ମୋଟର ପମ୍ପଟିକୁ ବାହାର କରି ନିଆଯାଏ । ଫଳରେ ଜଳ ଯୋଗାଣ ହୋଇଥାଏ । ଏବେ ସେହି ପରିସ୍ଥିତି ସୃଷ୍ଟି ହୋଇଛି । ମହାନଦୀରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଲୋକେ ସ୍ୱଚ୍ଛ ପାନୀୟ ଜଳ ଗରାଏ ପାଇଁ ଡ଼ହଳ ବିକଳ ହେଉଛନ୍ତି ।

ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ କଣ୍ଟିଲୋ ପଞ୍ଚାୟବାସୀଙ୍କୁ ପାନୀୟ ଜଳ ଯୋଗାଇବା ଲକ୍ଷ୍ୟରେ ମହାନଦୀ କୂଳରେ ଏକ ପ୍ରକଳ୍ପ ଗତ ୫୦ ବର୍ଷ ତଳେ ପ୍ରତିଷ୍ଠା କରାଯାଇଥିଲା । ବିଦ୍ୟୁତ ଚାଳିତ ମୋଟରରେ ମହାନଦୀର ପ୍ରବାହିତ ଜଳକୁ ଉଠାଯାଇ ଅଞ୍ଚଳବାସୀଙ୍କୁ ଯୋଗାଣ କରାଯାଉଥିଲା । ହୀରାକୁଦ ଜଳ ଭଣ୍ଡାରରୁ ୨୦ଟି ଗେଟ୍‌ରେ ପାଣି ନିଷ୍କାସନ କରାଯାଇଥିବାରୁ ଏହା ପ୍ରଭାବରେ ମହାନଦୀରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତିକୁ ଆଖି ଆଗରେ ରଖି ଉକ୍ତ ମୋଟରକୁ ଉଠାଇ ନିଆଯାଇଛି । ବିକଳ୍ପ ବ୍ୟବସ୍ଥା ରୁପେ ଉଚ୍ଚ ସ୍ଥାନରେ ନିର୍ମାଣ କରାଯାଇଥିବା ପିଣ୍ଡିରେ ଉକ୍ତ ମୋଟରଟିକୁ ସ୍ଥାପନ କରାଯିବାର ବ୍ୟବସ୍ଥା କରାଯାଇଛି । ତେବେ ମୋଟର ଓ ଫୁଟଭଲଭ୍ ସ୍ଥାପନ କରିବାରେ ବନ୍ୟା ବାଧକ ସାଜିଥିବାରୁ ଅଞ୍ଚଳବାସୀ ସପ୍ତାହରୁ ଉର୍ଦ୍ଧ୍ୱ ହେବ ପାଣି ନ ପାଇ ନାନା ସମସ୍ୟାରେ ଗତି କରୁଥିବା ଅଭିଯୋଗ ହୋଇଛି ।

# ମହାନଦୀରେ ଜଳସ୍ତର ବୃଦ୍ଧି


ମହାନଦୀରେ ବନ୍ୟାଜଳ ବୃଦ୍ଧି ପାଇଛି ।

ଖଣ୍ଡପଡ଼ା,୩୦।୭
(ଅଜୟ କୁମାର ମହାରଣା)

ହୀରାକୁଦ ଜଳଭଣ୍ଡାରରୁ ୨୦ଟି ଗେଟ୍ ଦେଇ ଜଳ ନିଷ୍କାସନ ହେବା ଫଳରେ ନୟାଗଡ଼ ଜିଲା ଖଣ୍ଡପଡ଼ା ଅଞ୍ଚଳ ଦେଇ ପ୍ରବାହିତ ମହାନଦୀ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ଫଳରେ ନଦୀତଟବର୍ତ୍ତୀ ସିଧାମୂଳା, ବାଣପୁର, କଣ୍ଟିଲୋ, ମାଧପୁର ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମର ବାସିନ୍ଦାଙ୍କ ମଧ୍ୟରେ ସାମ୍ଭବ୍ୟ ବନ୍ୟା ଆଶଙ୍କା ପ୍ରକାଶ ପାଇଛି। ବର୍ଷା ଋତୁରେ ବିଷଧର ସାପଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ବିଷଧର ସାପ ଜନବସତି ଅଞ୍ଚଳକୁ ଚାଲି ଆସୁଥିବାରୁ ସାଧାରଣରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି । ସିଧାମୂଳାଠାରେ ବିପଦ ସଙ୍କେତ ତଳେ ମହାନଦୀର ବନ୍ୟା ଜଳ ପ୍ରବାହିତ ହେଉଛି । କଣ୍ଟିଲୋ ଠାରେ ମହାନଦୀର ଜଳପତନ ବିପଦ ସଙ୍କେତ ୪୭.୯୮ ମିଟର ଥିବା ବେଳେ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଏହାର ଜଳ ପତନ ୪୫.୮୫ ମିଟର ଥିବା ଜଳ ସମ୍ପଦ ବିଭାଗ ସୁତ୍ରରୁ ସୂଚନା ମିଳିଛି । ବନ୍ୟାକୁ ଆଖି ଆଗରେ ରଖି ଜଳ ସମ୍ପଦ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି । ଏବେ କୌଣସି ବିପଦର ଆଶଙ୍କା ନ ଥିବା କଣ୍ଟିଲୋ ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଇଂ.ରାମ ମୋହନ ବେହେରା କହିଛନ୍ତି ।

# କୁଞ୍ଜବିହାରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ଗଠିତ


ପରିଚାଳନା କମିଟି ବୈଠକରେ ଯୋଗ ଦେଇଥିବା କର୍ମକର୍ତ୍ତା ।

ଖଣ୍ଡପଡ଼ା,୩୦।୭
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ କୁଞ୍ଜବିହାରୀ ନୋଡାଲ ବିଦ୍ୟାଳୟର ୨୦୨୪-୨୫ ଶିକ୍ଷା ବର୍ଷ ପାଇଁ ମଙ୍ଗଳବାର ଶିକ୍ଷାନୁଷ୍ଠାନର ପରିଚାଳନା କମିଟି ଗଠନ କରାଯାଇଛି । ଶିକ୍ଷାନୁଷ୍ଠାନର ପ୍ରଧାନ ଶିକ୍ଷକ ଶ୍ରୀନିବାସ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ପରିଚାଳନା କମିଟି ବୈଠକରେ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ଉପସ୍ଥିତ ରହି କମିଟି ଗଠନରେ ସହଯୋଗ କରିଥିଲେ । ନବନିର୍ବାଚିତ ପରିଚାଳନା କମିଟିର ସଭାପତି ଭାବେ ସନ୍ତୋଷ କୁମାର ସାହୁ ନିର୍ବାଚିତ ହୋଇଥିବା ବେଳେ କମିଟିର ସଦସ୍ୟା ସଦସ୍ୟ ଭାବେ ସୂର୍ଯ୍ୟମୁଖୀ ସାହୁ, ସ୍ୱର୍ଣ୍ଣଲତା ସାହୁ, ଅନିତା ବେହେରା, ଆଶାମଣି ପାଣି, ନନ୍ଦିନୀ ନାଏକ, ରଞ୍ଜୁ ବେହେରା, ସରୋଜ କୁମାର ମିଶ୍ର, ପବିତ୍ର କୁମାର ମହାରଣା, ଭାଗିରଥି ରାଉତ, ସୁବଳ ନାୟକ, କାଶୀନାଥ ଦଳେଇ. ୱାର୍ଡ ସଭ୍ୟ ଜଗନ୍ନାଥ ବେହେରା, ଅଙ୍ଗନୱାଡ଼ି କର୍ମୀ ସ୍ୱର୍ଣ୍ଣଲତା ସାଥୁଆ, ଆଶାକର୍ମୀ ସବିତା ମିଶ୍ର, ଛାତ୍ରୀଛାତ୍ର ପ୍ରତିନିଧି ରାଜଶ୍ରୀ ନାୟକ ଓ କିରଣ ଜ୍ୟୋତି ଦଳେଇ ନିର୍ବାଚିତ ହୋଇଥିବା ବେଳେ ଶିକ୍ଷକ ପ୍ରତିନିଧି ଭାବେ ସହକାରୀ ଶିକ୍ଷୟିତ୍ରୀ ବାସନ୍ତୀ ପଣ୍ଡା ମନୋନୀତ ହୋଇଛନ୍ତି ବୋଲି ପ୍ରଧାନ ଶିକ୍ଷକ ପଣ୍ଡ ସୂଚନା ଦେଇଛନ୍ତି । ତେବେ ବିଧି ବ୍ୟବସ୍ଥା କ୍ରମେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏହି କମିଟିର ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇବେ ।

# ବିବାହିତା ମହିଳାଙ୍କ ଆତ୍ମହତ୍ୟା

ଓଡ଼ଗାଁ,୩୦।୭
(ଆଦର୍ଶ କୁମାର ପଟ୍ଟନାୟକ):

ନୟାଗଡ଼ ଜିଲା ଓଡ଼ଗାଁ ଥାନା ତଥା ଓଡ଼ଗାଁ ଏନ୍‌ଏସି ଖେଳପଡିଆ ସାହିର ଭଡ଼ାଘରେ ରହୁଥିବା ରିଙ୍କୁ ସାହୁଙ୍କ ସ୍ତ୍ରୀ ବର୍ଷା ସାହୁ ସୋମବାର ବିଳମ୍ବିତ ରାତିରେ ରୋଷେଇ ଘର ଆଜବେଷ୍ଟସ ଆଡିରେ ଝୁଲି ଆତ୍ମହତ୍ୟା କରିଛନ୍ତି । ଏ ସଂକ୍ରାନ୍ତରେ ମଙ୍ଗଳବାର ଓଡ଼ଗାଁ ଥାନାରେ ଅଭିଯୋଗ ହୋଇଥିଲା । ପୋଲିସ ୨୧/୨୦୨୪ରେ ଅପମୃତ୍ୟୁ ମାମଲା ରୁଜୁ କରି ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ଅତିରିକ୍ତ ତହସିଲଦାର ଜି.ଶ୍ରୀନୁଙ୍କ ଉପସ୍ଥିତିରେ ମୃତଦେହ ଜବତ କରିଛି । ସାଇଂଟିଫିକ ଟିମ୍ ଘଟଣାସ୍ଥଳ ପହଞ୍ଚି ତଦନ୍ତ ସାରିବା ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ତଦନ୍ତକାରୀ ଅଫିସର ବୈକୁଣ୍ଠ ନାଥ ସ୍ୱାଇଁ କହିଛନ୍ତି ।

# ଆଇଆଇସି, ଥାନା ଅଧିକାରୀ, ଏଏସ୍‌ଆଇ, ଏସ୍‌ଆଇ ସ୍ତରରେ ଅଦଳବଦଳ

**ନୟାଗଡ଼,୩୦।୭(ଲୋକନାଥ ମିଶ୍ର):**

ନୟାଗଡ଼ ଜିଲ୍ଲା ପୋଲିସରେ ଆଇଆଇସି, ଥାନା ଅଧିକାରୀ, ଏଏସ୍‌ଆଇ, ଏସ୍‌ଆଇ ସ୍ତରରେ ମଙ୍ଗଳବାର ବଡ଼ ଧରଣର ଅଦଳବଦଳ ହୋଇଛି। ସଦରଥାନା ଆଇଆଇସି ଅନିତା ସାହୁଙ୍କୁ ବାଣିଗୋଛା ଥାନା ବଦଳି କରାଯାଇଥିବା ବେଳେ ଇଟାମାଟି ଥାନା ଆଇଆଇସି ଦିଲୀପ କୁମାର ସ୍ୱାଇଁଙ୍କୁ ରଣପୁର ଥାନାକୁ ବଦଳି କରାଯାଇଛି। ବାଣିଗୋଛା ଥାନା ଆଇଆଇସି ଲକ୍ଷ୍ମଣ ଦଣ୍ଡସେନାଙ୍କୁ ଗଣିଆ ଥାନା, ଖଣ୍ଡପଡ଼ା ଥାନା ଆଇଆଇସି ଜ୍ୟୋତିପ୍ରକାଶ ସ୍ୱାଇଁଙ୍କୁ ଶରଣକୁଳ ଥାନା, ଶରଣକୁଳ ଥାନା ଆଇଆଇସି ପୁଷ୍ପଲତା ବେହେରାଙ୍କୁ ଜିଲ୍ଲା ପୋଲିସ ମୁଖ୍ୟାଳୟକୁ ବଦଳି ହୋଇଛି। ସେହିଭଳି ରଣପୁର ଥାନା ଆଇଆଇସି ନିହାର ରଞ୍ଜନ ମହାନ୍ତିଙ୍କୁ ଖଣ୍ଡପଡ଼ା ଥାନା, ଚାନ୍ଦପୁର ଥାନା ଆଇଆଇସି ଜଗଦୀଶ କରଙ୍କୁ ଇଟାମାଟି ଥାନା, ମୁଖ୍ୟାଳୟ ଆଇଆଇସି ବିଜୟ ସାହୁଙ୍କୁ ନୟାଗଡ଼ ସଦରଥାନା, ଗଣିଆ ଥାନା ଅଧିକାରୀ ବିନୟ ରଞ୍ଜନ ପରିଡ଼ାଙ୍କୁ ଚାନ୍ଦପୁର ଥାନାକୁ ବଦଳି କରାଯାଇଛି। ପୁଣି ୯ ଜଣ ଏସ୍‌ଆଇ ଓ ୧୦ ଜଣ ଏଏସ୍‌ଆଇଙ୍କୁ ଜିଲ୍ଲା ମଧ୍ୟରେ ବଦଳି ହୋଇଛି। ନୟାଗଡ଼ ଟାଉନଥାନାରେ କାର୍ଯ୍ୟରତ ପ୍ରୀତିପ୍ରକାଶ ମହାନ୍ତିଙ୍କୁ ରାଜସୁନାଖଳା ଫାଣ୍ଡିକୁ ବଦଳି କରାଯାଇଥିବା ବେଳେ ରାଜସୁନାଖଳାରୁ ଏସ୍‌ଏଆଇ ଏମ୍.ଡି ଜାଫରୁଲାଙ୍କୁ ବାହାଡଝୋଲା ଫାଣ୍ଡିକୁ ବଦଳି ହୋଇଛି। ବାହାଡଝୋଲା ଫାଣ୍ଡିରୁ ଏସ୍‌ଆଇ ଭୀମସେନ ମଲିକଙ୍କୁ ଚାନ୍ଦପୁର ଫାଣ୍ଡିକୁ ବଦଳି କରାଯାଇଛି । ଦର୍ପନାରାୟଣପୁର ଫାଣ୍ଡି ଅଧିକାରୀ ଏସ୍‌ଆଇ ଧର୍ମେନ୍ଦ୍ର ଶିଆଳଙ୍କୁ ସଦରଥାନା, ସଦରଥାନାରୁ ଏଏସ୍‌ଆଇ ଦିଲୀପ କୁମାର ସେଠୀଙ୍କୁ ଫତେଗଡ଼ ଥାନା, ଫତେଗ ଥାନାରୁ ଏଏସ୍‌ଆଇ ପ୍ରତାପ କୁମାର ପାହାଡଝୋଲା ସଦରଥାନାକୁ ବଦଳି ହୋଇଛି । ଅନ୍ୟପକ୍ଷେ କଣ୍ଟିଲୋ ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଜେନାଙ୍କୁ ଓଡ଼ଗାଁ ଥାନାକୁ ବଦଳି ହୋଇଥିବା ବେଳେ ଓ ସ୍ୱାଗତ କୁମାର ଦାଶଙ୍କୁ କଣ୍ଟିଲୋ, ଚାନ୍ଦପୁରରୁ କୃତ୍ତିବାସ ହରିଚନ୍ଦନଙ୍କୁ ଗଣିଆ, ଗଣିଆରୁ ବିରେନ୍ଦ୍ର କୁମାର ଦେହୁରୀଙ୍କୁ ଚାନ୍ଦପୁର, ରଣପୁରରୁ ରମେଶ ଶ୍ରୀଚନ୍ଦନଙ୍କୁ ଆର.ଓ.ନୟାଗଡ଼, ଗୋଡ଼ିପଡ଼ାରୁ ସୀମାଞ୍ଚଳ ସ୍ୱାଇଁଙ୍କୁ ନୟାଗଡ଼, ନୟାଗଡ଼ ଟାଉନଥାନାରୁ ଏମ.ଡି ହାଇଦର ଅଲ୍ଲୀଙ୍କୁ ଗୋଡ଼ିପଡ଼ା, ନୂଆଗାଁରୁ ମନୋଜ କୁମାର ଦେହୁରୀଙ୍କୁ ଓ ଦଶପଲ୍ଲାରୁ ତାରାକାନ୍ତ ପଟ୍ଟନାୟକଙ୍କୁ ଶରଣକୁଳ, ଶରଣକୁଳରୁ ସନ୍ଧ୍ୟାରାଣୀ ସେଠୀଙ୍କୁ ନୟାଗଡ଼ ଟାଉନ ଓ ମନୋଜ କୁମାର ପାତ୍ରଙ୍କୁ ନୟାଗଡ଼ ଟାଉନକୁ ବଦଳି ହୋଇଛି। ରଣପୁରରୁ ବିଶ୍ୱରଞ୍ଜନ ସିଂଙ୍କୁ ଦର୍ପନାରାୟଣପୁର, ନୟାଗଡ଼ କୁଳମଣି ପ୍ରଧାନଙ୍କୁ ରଣପୁର କୋର୍ଟକୁ ଓ ଇଟାମାଟିରୁ ଶରତ କୁମାର ବେହେରାଙ୍କୁ ଦଶପଲ୍ଲାକୁ ବଦଳି କରାଯାଇଛି ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ରୋହନ


@ ଲକି


@ ମନୋଜ


@ ପ୍ରତୀକ



@ ଉଦୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

